ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE-18 ♦ CUTTACK ♦ WEEKLY ♦ 29 APRIL TO -- 05 MAY 2024♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା -୧୮ ♦ କଟକ♦ ସାପ୍ତାହିକ ♦ ୨୯ ଏପ୍ରିଲ ରୁ ୦୫ ମଇ ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ଓଡ଼ିଶା ପାଇଁ ବିଜେପିର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ
## ମୋଦିଙ୍କ ସମେତ ଅଛି ୪୦ ନାଁ



ଭୁବନେଶ୍ୱର(ଏନ୍.ଏମ୍.): ଓଡ଼ିଶା ପାଇଁ ବିଜେପିର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ, ମୋଦିଙ୍କ ସମେତ ଅଛି ୪୦ ନାଁ ଓଡ଼ିଶା ପାଇଁ ଆଜି ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି ବିଜେପି । ଉଭୟ ଲୋକସଭା ଓ ବିଧାନସଭା ପାଇଁ ପ୍ରକାଶ ପାଇଛି ଏହି ଷ୍ଟାର ପ୍ରଚାରକ ତାଲିକା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ମୋଟ ୪୦ ଜଣଙ୍କ ନାଁ ରହିଛି । ସେମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ, ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନେକ କେନ୍ଦ୍ର ମନ୍ତ୍ରୀ ରହିଛନ୍ତି । ଓଡ଼ିଶା ପାଇଁ ପ୍ରସ୍ତୁତ ହୋଇଥିବା ଷ୍ଟାର ପ୍ରଚାରକ ତାଲିକାରେ ମୋଦିଙ୍କ ସହିତ ରହିଛନ୍ତି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ, ଭୂପେନ୍ଦ୍ର ଯାଦବ, ଅଶ୍ୱିନୀ ବୈଷ୍ଣବ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ହିଞ୍ଜିଳିରୁ ପ୍ରଚାର ଅଭିଯାନ ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ, ବିରୋଧିଙ୍କୁ କଲେ ଟାର୍ଗେଟ

ଗଞ୍ଜାମ(ଏନ୍.ଏମ୍.): ଆଗକୁ ନିର୍ବାଚନ ଥିବା ବେଳେ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରୁ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ନବୀନ ପଟ୍ଟନାୟକ । ନିଜେ ପ୍ରାର୍ଥୀ ହୋଇଥିବା ହିଞ୍ଜିଳି ଜନସଭାରେ ବିରୋଧୀଙ୍କୁ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନିଜ ନିର୍ବାଚନ ମଣ୍ଡଳୀରୁ ପ୍ରଚାର ଆରମ୍ଭ କରି ନବୀନ କହିଛନ୍ତି, ବିରୋଧୀ ଦଳ ବିକାଶ କାମରେ ବାଧା ସୃଷ୍ଟି କରୁଛନ୍ତି, ଅପପ୍ରଚାର କରୁଛନ୍ତି । ଏଭଳି କରି କେହି କେବେ ସଫଳ ହେବେନି । ଲୋକଙ୍କ ଆଶୀର୍ବାଦରେ ବିଜେଡି ବିପୁଳ ବିଜୟ ହାସଲ କରିବ ଏବଂ ଲୋକସଭାରେ ମଧ୍ୟ ବିଜେଡି ଭଲ କରିବ ବୋଲି ନବୀନ ଦୃଢୋକ୍ତି ଦେଖାଇଛନ୍ତି । ଏଥିସହ ସେ କହିଛନ୍ତି ଯେ, ଓଡ଼ିଶାର ସାଢ଼େ ୪ କୋଟି ମୋର ପରିବାର, 'ସମସ୍ତଙ୍କ ପାଇଁ କାମ କରି ଚାଲିଛି, ଶେଷ ଯାଏଁ କରିବି । ୨୦୩୬ ସୁଦ୍ଧା ଓଡ଼ିଶା ଏକ ନମ୍ବର ରାଜ୍ୟ ହେବ ବୋଲି



ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ରାହୁଲଙ୍କ ସିଧା ହାମଲା ; ଓଡ଼ିଶାକୁ ନବୀନ ନୁହେଁ ଚଳାଉଛନ୍ତି ପାଣ୍ଡିଆନ

ସାଲେପୁର(ଏନ୍.ଏମ୍.): ଓଡ଼ିଶା କଂଗ୍ରେସ ପାଇଁ ନିର୍ବାଚନୀ ପ୍ରଚାରର ଆଜି ବିଗୁଲ୍ ଫୁଙ୍କିଛନ୍ତି ସାଂସଦ ରାହୁଲ ଗାନ୍ଧି । ସାଲେପୁର ସଭାରେ ନିଜ ଅଭିଭାଷଣ ଆରମ୍ଭରୁ ନବୀନଙ୍କୁ କରିଛନ୍ତି ସିଧା ହାମଲା । ଓଡ଼ିଶାକୁ ନବୀନ ନୁହେଁ ପାଣ୍ଡିଆନ ଚଳାଉଛନ୍ତି ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ନବୀନ ଏଠାରେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ନେଇ ସରକାର ଚଳାଉଛନ୍ତି । ଅଳ୍ପ କିଛି ଲୋକ ହିଁ ଏସବୁର ଫାଇଦା ଉଠାଉଛନ୍ତି । କଂଗ୍ରେସ ତେଲେଙ୍ଗାନାରେ ବିଜେପି-ବିଆର୍ଏସ୍ ମେଣ୍ଟ ପଦାକୁ ଆଣିଥିଲା । ନିର୍ବାଚନ ହେଲା, ସେଠାରେ ବିଆର୍ଏସ୍ ପୂରା ଉଡ଼ିଗଲା । ଏଠାରେ ବିଜେପି-ବିଜେଡିର ବାହାଘର ହୋଇଯାଇଛି । ଅଙ୍କନ ଓ ନବୀନ ବାବୁ ମିଶି ଓଡ଼ିଶାବାସୀଙ୍କୁ ପାନ ଧରାଇ ଦେଇଛନ୍ତି । ଏହା ବହୁତ ହୋଇଗଲା । ଓଡ଼ିଶାବାସୀ ବହୁତ ପାନ ଖାଇ ପେଟ ଖରାପ ହୋଇଗଲାଣି । ଶୀଘ୍ର କଂଗ୍ରେସ ସରକାର ଆଣନ୍ତୁ । ରାହୁଲ ଓଡ଼ିଶାବାସୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ସେ କହିଛନ୍ତି, ଚାରା ରୋପଣ ନାଁରେ ଏଠାରେ ୧୫ ହଜାର କୋଟି ଲୁଟିଛନ୍ତି । ଖଣିରୁ ପ୍ରଚୁର ଲୁଟିଛନ୍ତି । କଂଗ୍ରେସ ଆସିଲେ ଏ ଟଙ୍କା ଫେରସ୍ତ ହେବ । ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ଖାତାକୁ ଟଙ୍କା ଦିଆଯିବ । ୨୦୦ ୟୁନିଟ ମାଗଣା ବିଜୁଳି, ଗ୍ୟାସ୍ ୫ ଶହ ଟଙ୍କାରେ ଦିଆଯିବ । ଧାନ କୁଇଣ୍ଟାଲ ୩ ହଜାର ଟଙ୍କା କରାଯିବ । ମହିଳାଙ୍କୁ ୨ ହଜାର, ଯୁବକଙ୍କୁ ୩ ହଜାର, ଚାଷୀଙ୍କୁ ୩ ହଜାର ମିଳିବ ।



ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସାକ୍ଷାତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର(ଏନ୍.ଏମ୍.): କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସକାଳେ ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସାକ୍ଷାତ କରିଛନ୍ତି । ସୌଜନ୍ୟମୂଳକ ସାକ୍ଷାତ ସହ ତାଙ୍କ ଆଶୀର୍ବାଦ କାମନା କରିଥିବା ସୋସିଆଲ ମିଡିଆରେ ଲେଖିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ହେଲେ ନିର୍ବାଚନ ସମୟରେ ଧର୍ମେନ୍ଦ୍ର ପ୍ରଧାନ ଓ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଭେଟଘାଟ୍ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । କୁହାଯାଉଛି ଯେ ଉଭୟଙ୍କ ଭେଟଘାଟ



ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ପ୍ରଥମଥର ପାଇଁ ରୋଡ୍ ଶୋ' କଲେ କେଜ୍ରିୱାଲଙ୍କ ପତ୍ନୀ



ନୂଆଦିଲ୍ଲୀ(ଏଜେନ୍ସି): ଅବକାରୀ ନୀତି ଦୁର୍ନୀତି ମାମଲାରେ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନୀତା ଆଜି ପ୍ରଥମଥର ପାଇଁ କୌଣସି ନିର୍ବାଚନ ପାଇଁ ପ୍ରଚାର କରିଛନ୍ତି । ସେ ଆଜି ପୂର୍ବ ଦିଲ୍ଲୀରେ ବିଶାଳ ରୋଡ୍ ଶୋ' କରି ଆପ୍ ପାଇଁ ଭୋଟ ମାଗିଛନ୍ତି । ଏହି ରୋଡ ଶୋ' ସମୟରେ ସେ ପୂର୍ବ ଦିଲ୍ଲୀର କୋଣ୍ଡଲିରେ ଦଳୀୟ କର୍ମୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ଗୋଟିଏ ଗାଡ଼ି ଉପରେ ଛିଡ଼ା ହୋଇ ସେ କୋଣ୍ଡଲି ଅଞ୍ଚଳରେ ଭୋଟରଙ୍କୁ ହାତ ଯୋଡ଼ି ଭୋଟ ମାଗିଛନ୍ତି । କେଜ୍ରିୱାଲ ଜେଲରେ ଥିବାରୁ ଆପ୍ ତାଙ୍କ ପତ୍ନୀଙ୍କୁ ପ୍ରଚାର ମୈଦାନକୁ ଓହ୍ଲାଇଛି । ଏହିକ୍ରମରେ ଆଜି ସେ ରୋଡ ଶୋ' କରିବା ସହ ଆପ୍ର ପ୍ରଚାର କରିଛନ୍ତି । ସେ କହିଛନ୍ତି, "ଆପଣଙ୍କ ମୁଖ୍ୟମନ୍ତ୍ରୀ ଓ ମୋ ସ୍ୱାମୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗୋଟିଏ ମାସ ହେଲା ଜେଲରେ ରଖାଯାଇଛି । କୌଣସି କୋର୍ଟ ତାଙ୍କୁ ଦୋଷୀ କହି ନାହାନ୍ତି ଓ ତଦନ୍ତ ଚାଲିଛି । ଯଦି ତଦନ୍ତ ୧୦ ବର୍ଷ ଧରି ଚାଲିବ, ତା'ହେଲେ ସେ ୧୦ ବର୍ଷ ଯାଏ ଜେଲରେ ରହିବେ ? ପୂର୍ବରୁ କେବଳ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ଜେଲ ଦଣ୍ଡ ମିଳୁଥିଲା । କିନ୍ତୁ ସେମାନେ(ବିଜେପି ଓ କେନ୍ଦ୍ର ସରକାର) ନୂଆ ବ୍ୟବସ୍ଥା ଆଣିଛନ୍ତି । ତଦନ୍ତ ଚାଲିବା ସମୟରେ ମଧ୍ୟ ସେମାନେ ଜଣଙ୍କୁ ଜେଲରେ ରଖିପାରିବେ ବୋଲି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ୨୦୩୦ ସୁଦ୍ଧା ଇ-ବାଣିଜ୍ୟର ତୃତୀୟ ବୃହତ୍ତମ ବଜାର ହେବ ଭାରତ !

ନୂଆଦିଲ୍ଲୀ(ଏଜେନ୍ସି): ୨୦୩୦ ସୁଦ୍ଧା ଚୀନ୍ ଏବଂ ଆମେରିକା ପରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଇ-ବାଣିଜ୍ୟ ବଜାରରେ ପରିଣତ ହେବ ଏବଂ ଡିଜିଟାଲ ଅର୍ଥନୀତିର ଆକାର ୮,୦୦୦ କୋଟି ଡଲାରକୁ ବୃଦ୍ଧି ପାଇବ । ଏଥି ସହିତ ଚଳିତ ବର୍ଷ ଭାରତର ଇ-ବାଣିଜ୍ୟ ବଜାର ପ୍ରାୟ ୩,୨୫୦ କୋଟି ଡଲାରକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏକ ଆକଳନ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତରେ ୫୦ କୋଟିରୁ ଅଧିକ ଲୋକ ଅନଲାଇନରେ ସପିଂ କରିବେ । ବର୍ତ୍ତମାନ ଭାରତର ଇ-ବାଣିଜ୍ୟ ବଜାରର ମୂଲ୍ୟ ପ୍ରାୟ ୧,୧୩୦ କୋଟି ଡଲାର ରହିଛି । ଯାହା ବାର୍ଷିକ ପ୍ରାୟ ୨୧ ପ୍ରତିଶତ ହାରରେ ବୃଦ୍ଧି ପାଉଛି । ଏହାର ଅଭିବୃଦ୍ଧି ପାଇଁ ସବୁଠାରୁ ବଡ କାରଣ ହେଉଛି ଜିବି ପ୍ରତି ୧୩.୫୦ଟଙ୍କା ହାରରେ ସୁଲଭ ଇଣ୍ଟରନେଟ୍ । ୨୦୧୯ ତୁଳନାରେ ୨୦୨୩-୨୪ରେ ମୋବାଇଲ୍ ମାଧ୍ୟମରେ ଇଣ୍ଟରନେଟ୍ ପ୍ରବେଶ ୨୧ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୫ ସୁଦ୍ଧା, ୮୭ ପ୍ରତିଶତ ପରିବାର ପାଖରେ ଇଣ୍ଟରନେଟ୍ ସଂଯୋଗ ରହିଥିବ । ଅନଲାଇନ୍ ସପିଂ କରୁଥିବା ଇଣ୍ଟରନେଟ୍ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ୨୦୧୯ ରୁ ୨୦୨୬ ମଧ୍ୟରେ, ଭାରତର ଗ୍ରାମାଞ୍ଚଳରେ ସକ୍ରିୟ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବାର୍ଷିକ ୨୨ ପ୍ରତିଶତ ହାରରେ ବୃଦ୍ଧି ପାଇ ଏହା ୮୮ କୋଟିରୁ ଅଧିକ ହେବ । ଭାରତର ଡିଜିଟାଲ ଅର୍ଥନୀତି ଏବଂ ଇ-ବାଣିଜ୍ୟ ବଜାରରେ ଅଭିବୃଦ୍ଧିର କାରଣ ମଧ୍ୟରେ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଛି । ୨୦୨୨ ମସିହାରେ, ୧.୫ ଲକ୍ଷ କୋଟି ଡଲାର ମୂଲ୍ୟର କାରବାର ଏହା ମାଧ୍ୟମରେ କରାଯାଇଥିଲା । ୨୦୨୬ ସୁଦ୍ଧା, ଯେତେବେଳେ ଭାରତର ୮୧ ପ୍ରତିଶତ ଲୋକଙ୍କ ପାଖରେ ସ୍ମାର୍ଟଫୋନ୍ ରହିଥିବ । ଏହି ଜନସଂଖ୍ୟା ମଧ୍ୟ ୟୁପିଆଇ ପରି ମାଧ୍ୟମ ବ୍ୟବହାର କରୁଥିବେ ।




## କଂଗ୍ରେସ ଘୋଷଣା କଲା ପ୍ରାର୍ଥୀ : କଟକ ବାରବାଟୀରୁ ଲଢ଼ିବେ ସୋଫିଆ, ସମ୍ବଲପୁରରୁ ନଗେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଏନ୍.ଏମ୍.): ଦେଶର ସର୍ବପୁରାତନ ରାଜନୀତିକ ଦଳ କଂଗ୍ରେସ ଆଜି ଓଡ଼ିଶାର ୨ଟି ଲୋକସଭା ଓ ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ଦଳ ୨ ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନରେ ପ୍ରାର୍ଥୀ ବଦଳାଇଛି । ବାରିପଦା ଓ ଖଣ୍ଡପଡ଼ା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ବଦଳାଇଛି କଂଗ୍ରେସ । ବାରିପଦାରେ ବାଦଲ ହେମ୍ବ୍ରମଙ୍କ ସ୍ଥାନରେ ପ୍ରମୋଦ ହେମ୍ବ୍ରମ ଦଳର ଟିକେଟ ପାଇଛନ୍ତି । ସେହିପରି ଖଣ୍ଡପଡ଼ାରେ ମନୋଜ ପ୍ରଧାନଙ୍କ ସ୍ଥାନରେ ବୈଜୟନ୍ତୀମାଳା ମହାନ୍ତି କଂଗ୍ରେସ ଟିକେଟରୁ ନିର୍ବାଚନ ଲଢ଼ିବେ । ସମ୍ବଲପୁର ଲୋକସଭା ଆସନରେ ବିଜେଡିରୁ ଆସିଥିବା ନଗେନ୍ଦ୍ର ପ୍ରଧାନଙ୍କୁ ଦଳ ଟିକେଟ ଦେଇଛି । ପୂର୍ବରୁ ଏଠାରେ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଥିଲା ।



ଅନ୍ୟପକ୍ଷରେ କଟକ ବାରବାଟୀରୁ ସୋଫିଆ ଫିର୍ଦୋସ ପ୍ରାର୍ଥୀ ହୋଇଛନ୍ତି । ସୋଫିଆ ହେଉଛନ୍ତି ବର୍ତ୍ତମାନର ବିଧାୟକ ମହମ୍ମଦ ମୋକିମଙ୍କ ଝିଅ । ଆଇନଗତ କାରଣରୁ ମୋକିମ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଥିବାରୁ ରାଜ୍ୟ କଂଗ୍ରେସ ପକ୍ଷରୁ ସୋଫିଆଙ୍କ ନାଁ ଏଆଇସିସିକୁ ସୁପାରିସ କରାଯାଇଥିଲା । ଏଆଇସିସି ମଧ୍ୟ ସୋଫିଆଙ୍କ ନାଁ ଉପରେ ମୋହର ମାରିଛି । ଏଠାରେ ବିଜେଡି ପ୍ରକାଶ ବେହେରାଙ୍କୁ ପ୍ରାର୍ଥୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଭିନ୍ନକ୍ଷମ ଶିକ୍ଷକଙ୍କୁ ନିର୍ବାଚନ ଡ୍ୟୁଟି
## ଶୁଣିଲାନି ପ୍ରଶାସନ ; ସ୍ୱାମୀଙ୍କୁ ଧରି ଜିଲ୍ଲାପାଳଙ୍କ ପାଖରେ ପହଞ୍ଚିଲେ ପତ୍ନୀ

ବାରିପଦା (ଏନ୍.ଏମ୍.): ଦିବ୍ୟାଙ୍ଗ । ତା'ପରେ ପୁଣି ଦୁର୍ଘଟଣାରେ ଭାଙ୍ଗି ଯାଇଛି ଅଣ୍ଟା । ଚାଲିବା ପାଇଁ ପାଦରେ ନାହିଁ ବଳ । ଅନ୍ୟର ସାହାଯ୍ୟ ବିନା ସେ ହଲି ପାରୁନାହାନ୍ତି । ଦୁଇ ଜଣଙ୍କ ସାହାଯ୍ୟରେ ସେ ସ୍କୁଲ ଯା'ଆସ କରୁଛନ୍ତି । ହେଲେ ତାଙ୍କର ଏଥର ପଡ଼ିଛି ନିର୍ବାଚନ ଡ୍ୟୁଟି । କେତେକ କାହାକୁ ଗୁହାରୀ କରିଲେ, କେହି ଶୁଣିଲେ ନାହିଁ । ଶେଷରେ ଦିବ୍ୟାଙ୍ଗ ଶିକ୍ଷକ ସ୍ୱାମୀଙ୍କୁ ବୋହି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅଫିସ୍ରେ ପହଞ୍ଚିଲେ ପତ୍ନୀ । ଆଉ ସ୍ୱାମୀଙ୍କ ନିର୍ବାଚନ ଡ୍ୟୁଟି ବାତିଲ କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କଲେ । କୁଳିଅଣା ବ୍ଲକ୍ ହାତୀମୋଡା ଗାଁର ନରହରି ନାୟକ । ପେସାରେ ସେ ଜଣେ ଶିକ୍ଷକ । ଗାଁ ସ୍କୁଲରେ ଚାକିରି କରୁଥିବାରୁ ପ୍ରତିଦିନ ବହୁ କଷ୍ଟରେ ଯିବା ଆସିବା କରନ୍ତି । ଦୁର୍ଭାଗ୍ୟକୁ ଦୁଇ ବର୍ଷ ତଳେ ନରହରି ଏକ ସଡ଼କ ଦୁର୍ଘଟଣାରେ ସମ୍ମୁଖୀନ ହେଲେ । ଯେଉଁଥିପାଇଁ ତାଙ୍କ ଅଣ୍ଟା ଭାଙ୍ଗି ଯାଇଥିଲା । ମେଡ଼ିକାଲ୍ରେ ଚିକିତ୍ସା ପରେ ସୁସ୍ଥ ହେଲେ । ହେଲେ ଠିଆ ହୋଇପାରିଲେ ନାହିଁ । ଚାଲିବା କଥା ନକହିବା ଭଲ । ଦୁଇ ଜଣଙ୍କ ସାହାଯ୍ୟରେ ପ୍ରତିଦିନ ସ୍କୁଲ ଯାଆନ୍ତି ନରହରି ସାର୍ । ଶ୍ରେଣୀଗୃହରେ ବସି ପିଲାଙ୍କୁ ପାଠ ପଢ଼ାନ୍ତି । ଆଉ ସ୍କୁଲ ଛୁଟି ହେବା ପରେ ଦୁଇ ଜଣଙ୍କ ସାହାଯ୍ୟରେ ଘରକୁ ଫେରନ୍ତି । ନରହରି ନାୟକ ଜଣେ ଦିବ୍ୟାଙ୍ଗ ଓ ଦୁର୍ଘଟଣାରେ ପାଦରେ ଚାଲିବା ଶକ୍ତି ହରାଇଛନ୍ତି । ଏକଥା ବ୍ଲକ୍ ପ୍ରଶାସନ ଜାଣିଛି । ଏହା ସତ୍ତ୍ୱେ ତାଙ୍କୁ ନିର୍ବାଚନ ପରିଚାଳନା ଡ୍ୟୁଟିରେ ପକାଇଥିଲେ । ଏକଥା ଜାଣିବା ପରେ ଭାଙ୍ଗି ପଡ଼ିଥିଲେ ନରହରି ନାୟକ । ସେ ପ୍ରଧାନଶିକ୍ଷକଙ୍କଠାରୁ ଆରମ୍ଭ କରି ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ପର୍ଯ୍ୟନ୍ତ ଗୁହାରୀ କରି ଥକି ପଡ଼ିଥିଲେ । ହେଲେ କେହି କିଛି କଥା ଶୁଣିନଥିଲେ । ଯେଉଁଥିପାଇଁ ନରହରି ଓ ତାଙ୍କର ଧର୍ମପତ୍ନୀ ସରସ୍ୱତୀ ନାୟକଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା । ସ୍ୱାମୀଙ୍କ ଏପରି ସମୟରେ କ'ଣ କରିବେ କିଛି ଭାବି ପାରୁନଥିଲେ ସରସ୍ୱତୀ । ଶେଷରେ ନେଲେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସିନ୍ଧେଙ୍କୁ ଦେଖା କରିବା ପାଇଁ ନିଷ୍ପତ୍ତି ନେଲେ । ସେଥିପାଇଁ ଗୋଟିଏ ଅଟୋ ଭଡ଼ା କରିଥିଲେ । ଦୁଇ ସମ୍ପର୍କୀୟଙ୍କ ସାହାଯ୍ୟରେ ସ୍ୱାମୀଙ୍କୁ ଧରି ଡହଡହ ଖରାରେ ଜିଲ୍ଲାପାଳଙ୍କ ଅଫିସ୍ରେ ପହଞ୍ଚିଲେ । ସ୍ୱାମୀଙ୍କୁ ଏକ ପ୍ଲାଷ୍ଟିକ୍ ଚେୟାରରେ ବସାଇଲେ । ତା'ପରେ ଦୁଇ ସମ୍ପର୍କୀୟ ତାଙ୍କୁ ଚେୟାର ସହ ଟେକି ଟେକି ନେଇ ଜିଲ୍ଲାପାଳଙ୍କ ଚାମ୍ବର ଭିତରେ ପଶିଗଲେ । ଆଉ ସମ୍ମୁଖରେ ଜିଲ୍ଲାପାଳଙ୍କୁ ଦେଖି ଭାବ ବିହ୍ୱଳ ହୋଇପଡ଼ିଥିଲେ ସରସ୍ୱତୀ । ସ୍ୱାମୀଙ୍କ ନିର୍ବାଚନ ଡ୍ୟୁଟି ଅର୍ଡର ବାତିଲ କରିବା ପାଇଁ ଗୁହାରୀ କରିଥିଲେ । ହେଲେ ଅନ୍ୟମନସ୍କ ଥିବା ଜିଲ୍ଲାପାଳ ପ୍ରଥମେ ସରସ୍ୱତୀଙ୍କ କଥା ଠିକ୍ରେ ବୁଝିପାରିନଥିଲେ । ତାଙ୍କୁ ଫେରାଇ ଦେଇଥିଲେ । ନିର୍ବାଚନ ଡ୍ୟୁଟି ଅର୍ଡର ବାତିଲ କରାଯାଇପାରିବ ନାହିଁ ବୋଲି କହିଥିଲେ । ଯେଉଁଥିପାଇଁ ସ୍ୱାମୀଙ୍କୁ ଧରି ସରସ୍ୱତୀ ଜିଲ୍ଲାପାଳଙ୍କ ଚାମ୍ବର ବାହାରକୁ ଆସି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କାନ୍ଦି ପକାଇଥିଲେ । ତା'ପରେ ଗଣମାଧ୍ୟମ ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ପୂରା ଘଟଣା କହିଥିଲେ । ଏହାପରେ ନରହରିଙ୍କ ସମସ୍ୟା ସମାଧାନ ହୋଇଥିଲା । ନିର୍ବାଚନ ଡ୍ୟୁଟି ଅର୍ଡର ବାତିଲ କରିଥିଲେ ଜିଲ୍ଲାପାଳ ।



## ଚେକିଂ ବେଳେ ରାଜଧାନୀରୁ ଜବତହେଲା ୩ଲକ୍ଷରୁ ଅଧିକ ଟଙ୍କା



ଭୁବନେଶ୍ୱର(ଏନ୍.ଏମ୍.): ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ସେଥି ପାଇଁ ସବୁଠି ବ୍ଲକିଂ ଆଉ ଚେକିଂ ଚାଲିଛି । ରାଜଧାନୀରୁ ଚେକିଂ ବେଳେ ମିଳିଲା ଥୁଳାଥୁଳା ଟଙ୍କା । କାରରୁ ମିଳିଲା ୩ ଲକ୍ଷ ୬୦ ହଜାର ଟଙ୍କା । ଟଙ୍କା ନେଉଥିବା ବ୍ୟକ୍ତି ଜଣକ ହେଉଛନ୍ତି ଅମ୍ଳାନ ଯୋତି ପ୍ରକାଶ ସିଂ । ସେ ଏକ ପାଣି ପାଉଚ କମ୍ପାନୀର ମାଲିକ । ତାଙ୍କ ଘର ହେଉଛି ଚନ୍ଦକା । ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଓମ୍ଫେଡ଼ ଛକ ନିକଟରେ ଚେକିଂ ଚାଲିଥିବା ବେଳେ ଗାଡ଼ିରୁ ଜବତ ହୋଇଛି ୩ ଲକ୍ଷ ୬୦ ହଜାର ଟଙ୍କା । ଚନ୍ଦ୍ରଶେଖରପୁର ଥାନା ପୁଲିସ ଏହି ଟଙ୍କା ସହ ଗାଡ଼ିକୁ ଜବତ କରିଛି । ପ୍ରକୃତରେ କାହାର ଏହି ଟଙ୍କା ? କୁଆଡ଼େ ଯାଉଥିଲା ? ଟଙ୍କାର ଉତ୍ସ କ'ଣ ? କ'ଣ ପାଇଁ କାରରେ ଏତେ ପରିମାଣର ଟଙ୍କା ନିଆଯାଉଥିଲା ?

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

# ଜୁଲାଇରେ ବାହା ହେବେ ଅନନ୍ତ ଅମ୍ବାନୀ ଓ ରାଧିକା



**ମୁମ୍ବାଇ(ଏଜେନ୍ସି):** ଦେଶ ତଥା ବିଶ୍ୱର ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତଙ୍କ ବାହାଘର ଜୁଲାଇ ମାସରେ ହେବ। ସେ ରାଧିକା ମର୍ଚାଣ୍ଟଙ୍କ ହାତ ସାତ ଜନ୍ମ ପାଇଁ ଧରିବେ। ନିକଟରେ ଅମ୍ବାନୀ ପରିବାର ପକ୍ଷରୁ ଅନନ୍ତ ଓ ରାଧିକାଙ୍କ ପ୍ରି-ୱେଡିଂ କାର୍ଯ୍ୟକ୍ରମ ଗୁଜରାଟର ଜାମନଗରରେ ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱ ତଥା ଦେଶର ବଡ଼ବଡ଼ ହସ୍ତୀମାନେ ଯୋଗ ଦେଇଥିଲେ। ବଲିଉଡର ୩ ଖାନଙ୍କ ଠାରୁ ଆରମ୍ଭ କରି ହଲିଉଡର ରିହାନା ଓ ଅକୋନଙ୍କ ଭଳି ସେଲିବ୍ରେଟୀ ଜାମନଗରର ଗାଲା ଇଭେଣ୍ଟରେ ନିଜର ଯାଦୁ ଦେଖାଇଥିଲେ। ଏହା କେବଳ ପ୍ରି-ୱେଡିଂ କାର୍ଯ୍ୟକ୍ରମ ଥିଲା। ତେଣୁ ଅନନ୍ତ ଓ ରାଧିକାଙ୍କ ବାହାଘର କାର୍ଯ୍ୟକ୍ରମ କେତେ ଭବ୍ୟ ହେବ ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି। ଗୋଟିଏ ସୂତ୍ରରୁ ଜଣାପଡ଼ିଛି ଯେ ଲଣ୍ଡନରେ ଥିବା ଅମ୍ବାନୀ ପରିବାରର ଷ୍ଟୋକ ପାର୍କ ଇ-ଷ୍ଟେଟରେ ବାହାଘର ଜୁଲାଇ ମାସରେ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ଓ ନୀତା ଅମ୍ବାନୀ ନିଜେ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ଏହାପୂର୍ବରୁ ୩ ଧରି ଚାଲିଥିବା ପ୍ରି-ୱେଡିଂ କାର୍ଯ୍ୟକ୍ରମର ସବୁ ଶ୍ରେୟ ମଧ୍ୟ ଅନନ୍ତ ନିଜ ମା’ ନୀତାଙ୍କୁ ଦେଇଥିଲେ। ପ୍ରି-ୱେଡିଂ ଭଳି ବାହାଘର ମଧ୍ୟ ବନ୍ଧୁ ଓ ପରିବାର ବର୍ଗଙ୍କ ମନରେ ଯେମିତି ସବୁଦିନ ପାଇଁ ସ୍ମୃତି ହୋଇ ରହିବ, ତା’ଉପରେ ନୀତା ଅଧିକ ଫୋକସ କରୁଛନ୍ତି। ଏବେ ଠାରୁ ବଲିଉଡର ବଡ଼ବଡ଼ କଳାକାରମାନଙ୍କୁ ଅମ୍ବାନୀ ପରିବାର ପକ୍ଷରୁ ନିମନ୍ତ୍ରଣ ପତ୍ର ପଠାଇ ଦିଆଯାଇଛି। ଲଣ୍ଡନରେ ବାହାଘର ହେବାକୁ ଥିବାରୁ କଳାକାରମାନେ ସେହି ଅନୁସାରେ ସେମାନଙ୍କୁ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବେ। ତେଣୁ ଏବେଠାରୁ ସେମାନଙ୍କୁ ନିମନ୍ତ୍ରଣ ପତ୍ର ପଠାଯାଇଛି। ଜାମନଗର ପ୍ରି-ୱେଡିଂ ବେଳେ ଅତିଥିମାନଙ୍କୁ ନିମନ୍ତ୍ରଣପତ୍ର ସହ ଡ୍ରେସ୍ କୋଡ୍ ସମ୍ପର୍କରେ ୯ ପୃଷ୍ଠାର ସୂଚନା ଦିଆଯାଇଥିଲା। ବାହାଘରରେ ମଧ୍ୟ ସେମିତି କିଛି କରାଯାଇଛି। ତେବେ ବାହାଘରର ଥିମ ସମ୍ପର୍କରେ ସୂଚନା ମିଳିନି। କିନ୍ତୁ କୁହାଯାଉଛି ଯେ ଲଣ୍ଡନରେ ବାହାଘର କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। କକଟେଲ/ସଙ୍ଗୀତ ନାଇଟର ମଧ୍ୟ ବ୍ୟବସ୍ଥା ହେବ। ଅତିଥି ତାଲିକାରେ ଶାହରୁଖ ଖାନ, ସଲମାନ ଖାନ, ବଚ୍ଚନ ପରିବାର, ରଣବୀର ସିଂହ, ଦୀପିକା ପାଦୁକୋନ, ବିରାଟ-ଅନୁଷ୍କା, ରଣବୀର-ଆଲିଆ, ଭିକ୍କି-କ୍ୟାଟ୍ରିନା ପ୍ରମୁଖ ରହିଛନ୍ତି। ଏହାବାଦ ଅନେକ ହଲିଉଡ କଳାକାର ମଧ୍ୟ ଜୁଲାଇରେ ହେବାକୁ ଥିବା ରାଧିକା-ଅନନ୍ତଙ୍କ ବାହାଘରରେ ଯୋଗଦେବେ।

# ମିସ୍ ୟୁନିଭର୍ସ ବ୍ୟୁନ୍ସ ଆୟର୍ସ୍ ୨୦୨୪ ଟାଇଟଲ୍ ଜିତିଲେ ୬୦ ବର୍ଷୀୟ ମହିଳା



**ମୁମ୍ବାଇ(ଏଜେନ୍ସି):** ଜଣେ ୬୦ ବର୍ଷୀୟ ମହିଳା ମିସ୍ ୟୁନିଭର୍ସ ବ୍ୟୁନ୍ସ ଆୟର୍ସ୍ ୨୦୨୪ ଟାଇଟଲ୍ ବିଜୟୀ ହୋଇଛନ୍ତି। ଆର୍ଜେଣ୍ଟିନାର ଏଲେଜାନ୍ଦ୍ରା ମାରିସା ରୋଡ୍ରିଗଜ୍ ଷ୍ଟେରିଓଟାଇପ୍ ମିସ୍ ୟୁନିଭର୍ସ ବ୍ୟୁନ୍ସ ଆୟର୍ସ୍ ୨୦୨୪ ବିଜେତା ହୋଇ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ସଫଳତା କ୍ଷେତ୍ରରେ ବୟସ ଓ ସୁନ୍ଦରତା ଏକ ବାଧକ ନୁହେଁ ସେ ଏହା ପ୍ରମାଣ କରି ଦେଖାଇଛନ୍ତି। ଏଥିସହ କୋଟି କୋଟି ଲୋକଙ୍କୁ ଅନୁପ୍ରାଣିତ କରିଛନ୍ତି। ବାସ୍ତବରେ ରୋଡ୍ରିଗଜ୍ ପେଶାରେ ଜଣେ ଓକିଲ ଏବଂ ସାମ୍ବାଦିକା। ସେ ପ୍ରଥମ ମହିଳା ଭାବେ ୬୦ ବର୍ଷରେ ଏହି ସମ୍ମାନଜନକ ସଫଳତା ହାସଲ କରିବାର କୃତିତ୍ୱ ଅର୍ଜନ କରିଛନ୍ତି। ସେ ମିସ୍ ୟୁନିଭର୍ସ ବ୍ୟୁନ୍ସ ଆୟର୍ସ୍ ୨୦୨୪ ବିଜେତା ହେବା ପରେ ମିସ୍ ୟୁନିଭର୍ସ ଆର୍ଜେଣ୍ଟିନାରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ପ୍ରତିଯୋଗିତା ମେ’ରେ ଅନୁଷ୍ଠିତ ହେବ। ଯଦି ସେ ଏଥିରେ ସଫଳ ହୁଅନ୍ତି, ତେବେ ମିସ୍ ୟୁନିଭର୍ସରେ ଭାଗ ନେବେ। ମିସ୍ ୟୁନିଭର୍ସ ଚଳିତ ବର୍ଷ ସେପ୍ଟେମ୍ବର ୨୮ରେ ଆୟୋଜିତ ହେବ। ପ୍ରକାଶ ଥାଉକି, ଗତବର୍ଷ ପରଠାରୁ ମିସ୍ ୟୁନିଭର୍ସରେ ଭାଗ ନେବା ପାଇଁ ବୟସସୀମାକୁ ହଟାଇ ଦିଆଯାଇଛି। ପୂର୍ବରୁ ୧୮-୨୮ ବର୍ଷ ବୟସର ଯୁବତୀ ଏଥିରେ ଭାଗ ନେଇପାରିବାର କଟକଣା ଥିଲା। କିନ୍ତୁ ଗତବର୍ଷର ଘୋଷଣାନାମା ପରଠାରୁ ୧୮ ବର୍ଷରୁ ଅଧିକ ଯେକୌଣସି ବୟସ ବର୍ଗ ମିସ୍ ୟୁନିଭର୍ସରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ।




**ମୁମ୍ବାଇ(ଏଜେନ୍ସି):** ଏବେ ଚର୍ଚ୍ଚାରେ ସେଲିବ୍ରିଟିଙ୍କ ଜୀବନ ଚର୍ଯ୍ୟା ତଥା ବ୍ୟକ୍ତିଗତ ଜୀବନୀ। ସମସ୍ତ ସେଲିବ୍ରିଟିଙ୍କ ଟିକନିଖି ଖବର ଜାଣିବାକୁ ପ୍ରଶଂସକମାନେ ଚାତକ ଭଳି ଚାହିଁ ରହିଥାନ୍ତି। କେବଳ ବିଭିନ୍ନ ମାଗାଜିନ କି ଖବର କାଗଜ ନୁହେଁ ଏବେ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ମଧ୍ୟ ଫଲୋ କରୁଥିବା ଦେଖିବାକୁ ମିଳିଛି। ତେବେ ବିଭିନ୍ନ ସମୟରେ ବିଭିନ୍ନ ସେଲିବ୍ରିଟିଙ୍କ ଜୀବନୀକୁ ନେଇ ଅନେକ ନୂଆନୂଆ ତଥ୍ୟ ଆସୁଥିବାବେଳେ ସେସବୁ ମଧ୍ୟ ବେଶ ଚର୍ଚ୍ଚାର ଖୋରାକ ଯୋଗାଇଥାଏ। ତେବେ ଦକ୍ଷିଣ ଓ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହସନ। ସେ ଅଭିନୟ କରିବା ସହ ଗୀତ ମଧ୍ୟ ଗାଇବାକୁ ପସନ୍ଦ କରନ୍ତି। ଅନେକ ସମୟରେ ତାଙ୍କ ପେସାଦାର ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହୁଏ। ଅନେକ ସମୟରେ ସେ ନିଜ ପ୍ରେମିକ ସାନ୍ତନୁ ହଜାରିକାଙ୍କ ସହ ଫଟୋ ସେୟାର କରୁଥିବା ଦେଖିବାକୁ ମିଳେ। ତେବେ କିଛି ମାସ ହେଲାଣି ସେ ସାନ୍ତନୁଙ୍କ ସହ ପ୍ରେମ ସମ୍ପର୍କରେ ଥିବା ବେଳେ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଏବେ ଦୁହିଁଙ୍କ ବ୍ରେକଅପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଦୁହେଁ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିବା ସହ ଫଟୋ ହଟାଇ ଦେଇଛନ୍ତି। ଏହାକୁ ଦେଖିବା ପରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିବା କୁହାଯାଉଛି। ଗତବର୍ଷ ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସ ସହ କଥା ହୋଇ ଶ୍ରୁତି ହସନ କହିଥିଲେ ଯେ, “ବିବାହ ଶବ୍ଦ ମୋତେ ବହୁତ ଭୟଭୀତ କରେ। ଏଥିରେ ବହୁତ କିଛି ଅଛି ଯେଉଁ କାରଣରୁ ମୁଁ ଏହା ବିଷୟରେ ଚିନ୍ତା କରିବାକୁ ଚାହେଁ ନାହିଁ। ମୁଁ ତାଙ୍କ ସହ ରହି ଖୁସି। ତାଙ୍କ ସହଯୋଗରେ ଭଲ କାମ କରୁଛି ଏବଂ ଆମେ ଏକତ୍ର ବହୁତ ଭଲ ସମୟ କାଟୁଛୁ। ଅଧିକାଂଶ ବିବାହ ଅପେକ୍ଷା ଏହା ଭଲ ନୁହେଁ କି? ଆମେ ପରସ୍ପର ପାଇଁ ଅଛୁ ଏବଂ କଠିନ ସମୟରେ ପରସ୍ପରକୁ ସମର୍ଥନ କରୁଛୁ। ସଂଘର୍ଷ କରୁଥିବା ସମୟରେ ତୁମ ସହ କେହି ଥିଲେ ବହୁତ ଭଲ ଲାଗେ। ଏକାକୀ ସବୁକିଛି ସାମ୍ନା କରିବା ଅପେକ୍ଷା ଏହା ଭଲ। ମୁଁ ଭାବୁଛି ଆମ ଭିତରେ ଯେଉଁଭଳି ସମ୍ପର୍କ ରହିଛି, ତା’ଠାରୁ ଭଲ କିଛି ହୋଇନପାରେ।”




**ମୁମ୍ବାଇ(ଏଜେନ୍ସି):** କ୍ରିଷ୍ଣା ମୁଖାର୍ଜୀ ଜଣେ ପ୍ରସିଦ୍ଧ ଟିଭି ଅଭିନେତ୍ରୀ। ସେ ଲୋକପ୍ରିୟ ଧାରାବାହିକ ‘ୟେ ହେ ମୋହବତେଁ’ରେ ଅଭିନୟ କରି ଲୋକପ୍ରିୟ ହୋଇଥିଲେ। ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଦଶନ୍ଧିରୁ ଅଧିକ ସମୟ ଧରି କାମ କରି ଆସୁଥିବା କ୍ରିଷ୍ଣା ତାଙ୍କ କ୍ୟାରିଅରରେ ‘ନାଗିନ୍-୩’,‘କୁଛ ତୋ ହେ: ନାଗିନ୍ ଏକ୍ ନଏ ରଙ୍ଗ ମେଁ’,‘ଶୁଭ ଶଗୁନ୍’ ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ସିରିଏଲରେ ଅଭିନୟ କରିଛନ୍ତି। ଏବେ କ୍ରିଷ୍ଣା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ‘ଶୁଭ ଶଗୁନ୍’ର ସେଟରେ ଘଟିଥିବା ଘଟଣାର ଯନ୍ତ୍ରଣାଦାୟକ ଅନୁଭୂତି ସେୟାର କରିଛନ୍ତି। କିଭଳି ‘ଶୁଭ ଶଗୁନ୍’ର ନିର୍ମାତା ସୁଟିଂ ସମୟରେ ତାଙ୍କୁ ନିର୍ଯାତନ ଦେଇଥିଲେ ତାହା ସେ ଏକ ପୋଷ୍ଟ ମାଧ୍ୟମରେ ଲେଖି ଜଣାଇଛନ୍ତି। ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ସେ ଲେଖିଛନ୍ତି ଯେ, ଗତ ଦେଢ଼ ବର୍ଷ ଧରି ମୁଁ ଅନେକ ସମସ୍ୟାର ସାମ୍ନା କରୁଛି। ପୂର୍ବରୁ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୋ ପାଖରେ ସାହସ ନଥିଲା। କିନ୍ତୁ ବର୍ତ୍ତମାନ ମୁଁ ଏହାକୁ ଆଉ ନିଜ ଭିତରେ ଚାପି ରଖିପାରିବି ନାହିଁ। ‘ଶୁଭ ଶଗୁନ୍’ର ନିର୍ମାତା କୁନ୍ଦନ ସିଂଙ୍କୁ ତାଙ୍କ ପୋଷ୍ଟରେ ଟ୍ୟାଗ କରି ଅଭିନେତ୍ରୀ ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ପ୍ରଡକ୍ସନ୍ ହାଉସ୍ ଏବଂ ନିର୍ମାତା ବାରମ୍ବାର ହଇରାଣ କରୁଥିଲେ। ୫ମାସର ପାରିଶ୍ରମିକ ନଦେବା ସହ ମେକଅପ୍ ରୁମରେ ବନ୍ଦ କରି ଦେଉଥିଲେ। ଦିନେ ପୋଷାକ ପିନ୍ଧୁଥିବା ବେଳେ ନିର୍ମାତା ଆସି ବହୁତ ଜୋରରେ କବାଟ ବାଡ଼ାଇଥିଲେ, ଲାଗିଲା ଯେମିତି କବାଟ ଭାଙ୍ଗିଯିବ। ଏତେ ସବୁ ପରେ ଯେତେବେଳେ କ୍ରିଷ୍ଣା ସୋ’ ଛାଡ଼ିଲେ ତାଙ୍କୁ ନିର୍ମାତା ଧମକ ଦେବା ଆରମ୍ଭ କରିଥିଲେ, ଯେଉଁ କାରଣରୁ ସେ ଅନ୍ୟ ପ୍ରୋଜେକ୍ଟରେ କାମ କରିବାକୁ ଡରୁଥିଲେ। ହେଲେ ଏବେ ସେ ମୁହଁ ଖୋଲିବା ସହ ମୋତେ ନ୍ୟାୟ ଦରକାର ବୋଲି କହିଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ରାତିରେ ଗୁଡ଼ ପାଣି ପିଇଲେ ଦୂର ହୁଏ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

ଗୁଡ଼ ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା ପ୍ରାୟ ସମସ୍ତଙ୍କୁ ଜଣା। ଲୌହ ବା ଆଇରନରେ ଭରପୂର ଗୁଡ଼ ଶରୀରରେ ରକ୍ତହୀନତା ଦୂର କରିବାରେ ସାହାଯ୍ୟ କରେ। ଯଦି ରାତିରେ ଶୋଇବା ପୂର୍ବରୁ ଗୁଡ଼ ଖାଆନ୍ତି, ତେବେ ଏହା ସ୍ୱାସ୍ଥ୍ୟ ଉପରେ ଅନେକ ଭଲ ପ୍ରଭାବ ପକାଇଥାଏ। ରାତିରେ ଗୁଡ଼ ଖାଇବା ଦ୍ୱାରା କି କି ଉପକାରିତା ମିଳିଥାଏ,

କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ:- ଅଧିକାଂଶ ଲୋକଙ୍କର କୋଷ୍ଠକାଠିନ୍ୟର ସମସ୍ୟା ଥାଏ, ଏହି ସମସ୍ୟାକୁ ଦୂର କରିବା ପାଇଁ ଗୁଡ଼ ବେଶ ଲାଭଦାୟକ। ଯଦି ପ୍ରତିଦିନ ଶୋଇବା ପୂର୍ବରୁ ଗରମ ପାଣି ସହ ଗୁଡ଼ ଖାଆନ୍ତି, ତେବେ କୋଷ୍ଠକାଠିନ୍ୟ ଦୂର ହୋଇପାରେ। ଏହା ବ୍ୟତୀତ ଅମ୍ଳତା ଦୂର ପାଇଁ ଗରମ ପାଣିରେ ଗୁଡ଼ ମିଶାଇ ପିଇପାରିବେ।

ଭଲ ନିଦ ହୋଇଥାଏ:- ଅଧିକାଂଶ ଲୋକ ବିଭିନ୍ନ କାରଣରୁ ରାତିରେ ଠିକରେ ଶୋଇପାରନ୍ତି ନାହିଁ। ଏପରି ସମସ୍ୟା ଥିଲେ ଗୁଡ଼ ଖାଇବା ଲାଭଦାୟକ। ନିଦ୍ରାହୀନତା ସମସ୍ୟା ଦୂର କରିବା ପାଇଁ ଶୋଇବା ପୂର୍ବରୁ ଗରମ ପାଣିରେ ଗୁଡ଼ ମିଶାଇ ପିଅନ୍ତୁ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି:- ଗୁଡ଼ ଖାଇବା ଦ୍ୱାରା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ସମସ୍ୟା ଦୂର ହୋଇଥାଏ। ମ୍ୟାଗ୍ନେସିୟମ୍, ଆଇରନ୍, ପୋଟାସିୟମ୍ ଏବଂ ଅନେକ ଭିଟାମିନ୍ ଗୁଡ଼ରୁ ମିଳିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

ଗଳା ସମସ୍ୟା:- ଯଦି କାଶ, ଗଳା ଯନ୍ତ୍ରଣା କିମ୍ବା ଗଳାରେ କୁଣ୍ଡେଇ ହେବା ପରି ଅନୁଭୂତ ହେଉଛି, ତେବେ ଗୁଡ଼ ଖାଇବା ଲାଭଦାୟକ ହୋଇପାରେ। ଅଦା ସହିତ ଗୁଡ଼କୁ ଗରମ କରି ଖାଇବା ଦ୍ୱାରା ସମସ୍ୟାରୁ ମୁକ୍ତି ମିଳିଥାଏ।

ଗୁଡ଼ ପାଣି କିପରି ପ୍ରସ୍ତୁତ କରିବେ ?

ଗୁଡ଼ ପାଣି ତିଆରି କରିବା ପାଇଁ ପ୍ରଥମେ ଏକ ଗ୍ଲାସ ଗରମ ପାଣି ନିଅନ୍ତୁ। ଏହା ପରେ ସେଥିରେ ଗୋଟିଏ ଖଣ୍ଡ ଗୁଡ଼ ମିଶାଇ ରଖନ୍ତୁ। ଭଲ ବାବେ ଗୁଡ଼ ପାଣିରେ ମିଶିଯିବା ପରେ ଏହି ପାଣିକୁ ରାତିରେ ଶୋଇବା ପୂର୍ବରୁ ପିଅନ୍ତୁ। ନିୟମିତ ଏହି ପାଣି ପିଇବା ଫଳରେ ଉପରସ୍ଥ ଉପକାରିତା ସହ ପେଟଜନିତ ସମସ୍ୟା ମଧ୍ୟ ଦୂର ହୋଇପାରେ।

## ମା’ରାଣ ଦେହକୁ ନେବେନି...



ପିଜିପଡି ମୁହଁ ଗାଁରେ ଭାବିଛି
ସରଭେ କରିବି ବୁଲିକି...
କୋଉ ମାଫିଆକୁ ଟିକଟ ମିଳିବ
କହିବି ଆଜିମୁଁ ଖୋଲିକି...
ପାଠପଢ଼ା ଗଲା ଚୁଲିକି...
ବିଜେଡିକହୁଛି ଏଥର ପାଇବୁ
ଚାକିରୀ ଅଛିତୋ ଝୁଲିକି...

- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଚିଙ୍ଗୁଡ଼ି ପତ୍ର ପୋଡ଼ା



ଆବଶ୍ୟକ ସାମଗ୍ରୀ: ଚିଙ୍ଗୁଡ଼ି, କଟା କଞ୍ଚା ଲଙ୍କା, କଟା ପିଆଜ, ସୋରିଷ ବଟା, କଦଳୀ ପତ୍ର, ଲେମ୍ବୁ ରସ, ଲୁଣ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଦଳୀ ପତ୍ରକୁ ଭଲ ଭାବେ ଧୋଇ ଶୁଖାଇ ଦିଅନ୍ତୁ। ପରେ ବଜାରରୁ ଆଣିଥିବା ଚିଙ୍ଗୁଡ଼ିକୁ ଭଲ ଭାବରେ ଧୋଇ ଦିଅନ୍ତୁ। ଏଥିରେ ତେଲ, କଟା ପିଆଜ, ସୋରିଷ ବଟା, କଟା ପିଆଜ, ଲେମ୍ବୁ ରସ ଓ କଞ୍ଚା ଲଙ୍କା ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ କଦଳୀ ପତ୍ରରେ ରଖନ୍ତୁ ଓ ପତ୍ରକୁ ମୋଡ଼ି ସୂତାରେ ବାନ୍ଧିଦିଅନ୍ତୁ। ତା’ପରେ ଏହାକୁ ଚୁଲି ଭିତରେ ରଖନ୍ତୁ (ମନେ ରଖିବେ ଚୁଲିରେ ମଧ୍ୟମ ଆଞ୍ଚ ରହିବ)। ପୋଡ଼ିବା ବାସ୍ନା ଆସିଲେ ଏହାକୁ ଓଲଟାଇ ଦିଅନ୍ତୁ। ଉଭୟ ପାର୍ଶ୍ୱ ଭଲ ଭାବେ ସିଝିବା ଲାଗି ୧୦ରୁ ୧୫ ମିନିଟ୍ ସମୟ ଲାଗିବ। ଏହା ପରେ ଏହାକୁ ଚୁଲିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ସୁଆଦିଆ ଚିଙ୍ଗୁଡ଼ି ପତ୍ର ପୋଡ଼ା। ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




# ୧୦ ହଜାରରୁ ଅଧିକ ଫ୍ରେଶରଙ୍କୁ ଚାକିରି ଦେବ ଏଚସିଏଲ




**ନୂଆଦିଲ୍ଲୀ(ଏଜେନ୍ସି):** ଚାକିରି ଖୋଜୁଥିବା ଫ୍ରେଶର୍ସମାନଙ୍କ ପାଇଁ ଚାକିରି ସୁଯୋଗ ଆଣିଛି ଏଚସିଏଲ୍। ଦେଶର ଏହି ଅଗ୍ରଣୀ ଆଇଟି କମ୍ପାନୀ ୧୦ ହଜାରରୁ ଅଧିକ ଫ୍ରେଶର୍ସଙ୍କୁ ଚାକିରି ଯୋଗାଇବାକୁ ଘୋଷଣା କରିଛି। ଦେଶର ଏହି ବଡ ଆଇଟି କମ୍ପାନୀ ଏଚସିଏଲ ଟେକ୍ ଏହାର ଚତୁର୍ଥ ତ୍ରୟ ମାସିକ ଫଳାଫଳ ପ୍ରକାଶ କରିବାବେଳେ ଆସନ୍ତା ଏକ ବର୍ଷ ମଧ୍ୟରେ ୧୦ ହଜାରରୁ ଅଧିକ ଫ୍ରେଶର୍ସଙ୍କୁ ଚାକିରି ଯୋଗାଇବାକୁ ଯୋଜନା କରୁଥିବା କହିଛି। ଆଇଟି କମ୍ପାନୀ କହିଛି ଯେ, ଯେପରି ସେମାନେ ଗତ ଆର୍ଥିକ ବର୍ଷରେ ଫ୍ରେଶର୍ସମାନଙ୍କୁ ଚାକିରି ଯୋଗାଇ ଥିଲେ, ଠିକ୍ ସେହିଭଳି ସେମାନେ ଆଗାମୀ ବର୍ଷରେ ମଧ୍ୟ ଫ୍ରେଶର୍ସମାନଙ୍କୁ ଚାକିରି ଯୋଗାଇବା ଜାରି ରଖିବେ। ଏଚସିଏଲ ଟେକର ମୁଖ୍ୟ ଲକୋ ଅଧିକାରୀ ରାମଚନ୍ଦ୍ରନ୍ ସୁନ୍ଦରରାଜନଙ୍କ କହିବା ମୁତାବକ, ଋଣ ୨୦୨୪ ରେ କମ୍ପାନୀ ପ୍ରାୟ ୧୫,୦୦୦ ଫ୍ରେସରଙ୍କୁ ନିଯୁକ୍ତି ଲକ୍ଷ୍ୟ ରଖିଥିଲା। ଗତ ବର୍ଷରେ କମ୍ପାନୀ ପ୍ରାୟ ୧୨ହଜାର ଫ୍ରେଶର୍ସଙ୍କୁ ଚାକିରି ଦେଇଥିଲା। ବର୍ଷସାରା ଆମର ଅସ୍ଥିରତାକୁ ଦୃଷ୍ଟିରେ ରଖି ଆମକୁ ଆମର ନୂଆ ରିକ୍ରୁଟମେଣ୍ଟକୁ ପୁଣି ଥରେ ବ୍ୟବସ୍ଥିତ କରିବାକୁ ପଡିଲା। ଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟ ମାସିକରେ ମୋଟ ଫ୍ରେଶର୍ ସଂଖ୍ୟା ୩,୦୯୬ ଥିଲା। ସମଗ୍ର ଆର୍ଥିକ ବର୍ଷରେ, ଏଚସିଏଲଟେକ ୧୨,୧୪୧ ଫ୍ରେଶରଙ୍କୁ ନିଯୁକ୍ତି ଦେଇଥିଲା। ଏହି ପ୍ରକାରେ ଚତୁର୍ଥ ତ୍ରୟ ମାସିକରେ କମ୍ପାନୀର ମୋଟ କର୍ମଚାରୀଙ୍କ ସଂଖ୍ୟା ଥିଲା ୨୨୭୪୮୧। ଆଗାମୀ ବର୍ଷ ଗୁଡିକରେ ମଧ୍ୟରେ ଏହି ଭଳି ନିଯୁକ୍ତି ହେବ ବୋଲି ଆମର ଆଶା ରହିଛି। କମ୍ପାନୀ ୧୦ହଜାରରୁ ଅଧିକ ଫ୍ରେଶର୍ସଙ୍କୁ ଚାକିରି ଦେବାକୁ ଯୋଜନା କରୁଛି। ଏହା ମାଧ୍ୟମରେ ସେ ତାଙ୍କ କ୍ୟାମ୍ପସ କାର୍ଯ୍ୟକ୍ରମ ତଥା ନୂତନ ନିଯୁକ୍ତି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବେ।

# ଲାଇଭ୍ ରିପୋର୍ଟିଂ ବେଳେ ଅଶ୍ଳୀଳ ଭାଷା କହିଲେ ରିପୋର୍ଟର



**ନୂଆଦିଲ୍ଲୀ(ଏଜେନ୍ସି):** ଲାଇଭ୍ ରିପୋର୍ଟିଂ ବେଳେ ହୋଇଗଲା ବଡ଼ ଭୁଲ୍। ଭାଷା ଉପରେ ରହିଲାନି ସଞ୍ଜମତା। ଅଶ୍ଳୀଳ ଭାଷା କହି ଟ୍ରୋଲ୍ ହେଲେ ରିପୋର୍ଟର। ଏହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମଙ୍ଗଳବାର ପତଞ୍ଜଳି ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ କ୍ଷମା ପ୍ରାର୍ଥନାକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିଲା। ଏହି ପ୍ରସଙ୍ଗକୁ ନେଇ କୋର୍ଟ ବାହାରେ ଲାଇଭ୍ ରିପୋର୍ଟିଂ କରୁଥିଲେ ଜଣେ ଜାତୀୟ ଗଣମାଧ୍ୟମର ରିପୋର୍ଟ। ଷ୍ଟୁଡିଓରେ ଥିବା ଟିଭି ଆଙ୍କର ରିପୋର୍ଟର୍ଙ୍କୁ ପତଞ୍ଜଳି ମାମଲା ବିଷୟରେ ପ୍ରଶ୍ନ କରୁଥିଲେ। ଏତିକି ବେଳେ ରିପୋଟର୍ ଜଣକ ନିଜ ଭାଷା ଉପରେ ସଞ୍ଜମତା ହରାଇଥିଲେ। ସେ କହୁ କହୁ ଅଶ୍ଳୀଳ ଭାଷା କହିଦେଇଥିଲେ। ଏହାପରେ ତୁରନ୍ତ ଆମେ ଆପଣଙ୍କ କଥା ଶୁଣିପାରୁନୁ କହି ଲାଇଭ୍ ରିପୋର୍ଟିଂକୁ ବନ୍ଦ କରାଯାଇଥିଲା। ପୂରା ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେପଟେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ସୋଶାଲ ମିଡିଆ ୟୁଜର୍ସମାନେ ଉକ୍ତ ରିପୋର୍ଟର ଓ ଟିଭି ଚ୍ୟାନେଲକୁ ଜୋରଦାର ଟ୍ରୋଲ କରିଛନ୍ତି। ସେହିପରି ଆଉ କିଛି ୟୁଜର୍ସ ରିପୋର୍ଟରଙ୍କ ସମର୍ଥନରେ ବାହାରିଛନ୍ତି। ଭୁଲ୍ରେ ସେ ଏଭଳି କହିଦେଇଛନ୍ତି। କାମ ଚାପ ହେତୁ ତାଙ୍କ ପାଟିରୁ ଭୁଲ୍ରେ ଏଭଳି ଶବ୍ଦ ବାହାରି ଯାଇଥିବ। ତେଣୁ ଉକ୍ତ ସାମ୍ବାଦିକଙ୍କୁ ଦଣ୍ଡିତ ନକରିବାକୁ ସେମାନେ ଚ୍ୟାନେଲକୁ ଅନୁରୋଧ କରିଛନ୍ତି। ସେପଟେ ଲାଇଭ୍ ରିପୋର୍ଟିଂ ବେଳେ ଅଜାଣତରେ ଏଭଳି ଅଶ୍ଳୀଳ ଭାଷା ବ୍ୟବହାର ପାଇଁ ଚ୍ୟାନେଲ ତରଫରୁ କ୍ଷମା ପ୍ରାର୍ଥନା କରାଯାଇଛି।

# ବର୍ଷେ ହେଲା ନିଖୋଜ ଥିଲେ ମଡେଲ, ଶବଗୃହରୁ ମିଳିଲା ମୃତଦେହ



**ନୂଆଦିଲ୍ଲୀ(ଏଜେନ୍ସି):** ବର୍ଷେ ହେଲା ନିଖୋଜ ଥିଲେ ମଡେଲ। ଏବେ ବର୍ଷକ ପରେ ସନ୍ଦିଗ୍ଧ ଅବସ୍ଥାରେ ଶବଗୃହରୁ ମିଳିଲା ମୃତଦେହ। ଏହାପରେ ପରିବାର ଲୋକେ ତଦନ୍ତ ଦାବି କରିଛନ୍ତି। କାଇକନ୍ କେନାକମ୍। ତାଙ୍କ ବୟସ ୩୧ବର୍ଷ। ସେ ଜଣେ ଜଣାଶୁଣା ମଡେଲ ଥିଲେ। ତେବେ ତାଙ୍କ କାର୍ଯ୍ୟ ପ୍ରତିଦ୍ୱନ୍ଦୀ କମ୍ ହେବା ପରେ ସେ ବାହାରିନ୍ ଚାଲି ଯାଇଥିଲେ। ଏହାପରେ ସେ ପୂର୍ବୋତ୍ତର ଥାଇଲାଣ୍ଡରେ ନିଜ ପରିବାରର ସମର୍ଥନ କରିବା ପାଇଁ କଏ ରେଷ୍ଟୁରାଣ୍ଟରେ କାମ କରୁଥିଲେ। ଏହାପରେ ସେ ସୋସିଆଲ ମିଡିଆରେ ନିୟମିତ ରୂପେ ନିଜ ପରିବାରକୁ ଅପଡେଟ୍ ଦେଉଥିଲେ। ଏଠାରେ ସେ ନିଜ ପ୍ରେମିକ ସହ ମିଶି ରହୁଥିଲେ। ତେବେ ହଠାତ୍ ଏପ୍ରିଲ ୨୦୨୩ରେ କାଇକାନ୍ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିବା ବନ୍ଦ କରି ଦେଇଥିଲେ। ଏହାକୁ ନେଇ ତାଙ୍କ ପରିବାର ଲୋକେ ଚିନ୍ତିତ ହୋଇ ପଡିଥିଲେ। ଡେଲି ମିରରର ରିପୋର୍ଟ ଅନୁଯାୟୀ, ସେମାନେ ମଡେଲଙ୍କ ଫୋନରୁ କଲ୍ କରିଥିଲେ ମଧ୍ୟ କେହି ଉଠାଇ ନଥିଲେ। ଜାନୁଆରୀରେ, କାଇକାନଙ୍କ ପରିବାର ଲୋକେ ବହରାଇନରେ ଥିବା ଥାଇଲାଣ୍ଡ ଦୂତାବାସକୁ ତାଙ୍କୁ ଖୋଜିବା ପାଇଁ ସାହାଯ୍ୟ ମାଗିଥିଲେ। କିନ୍ତୁ ଗଲ୍ଫ ଦେଶରେ ଥାଇ ସମ୍ପ୍ରଦାୟର କିଛି ଲୋକଙ୍କ ସହାୟତାରେ କାଇକାନଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ଏପ୍ରିଲ ୧୮ ତାରିଖରେ ବାହାରିନ୍ରେ ଥିବା ଥାଇ ଦୂତାବାସ ଗତବର୍ଷ ଠାରୁ ମନାମାର ସଲମାନିଆ ମେଡିକାଲ କମ୍ପ୍ଲେକ୍ସ ଥିବା ଶବଗୃହରେ ଜଣେ ଅଜ୍ଞାତ ଦକ୍ଷିଣ ପୂର୍ବ ଏସୀୟ ମହିଳାଙ୍କ ମୃତଦେହ ରଖାଯାଇଥିବା ମଡେଲଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ଏହାପରେ ପରିବାର ଲୋକ ସେଠାରେ ପହଞ୍ଚିଥିଲେ। ଗୋଡରେ ହୋଇଥିବା ଟାଟୁକୁ ଦେଖି ଉକ୍ତ ମୃତଦେହଟି କାଇକାନଙ୍କ ବୋଲି ଚିହ୍ନଟ କରିଥିଲେ। ରିପୋର୍ଟ ଅନୁଯାୟୀ, ଅତ୍ୟଧିକ ମଦ୍ୟପାନ ହେତୁ ଫୁସଫୁସ୍ ଓ ହାର୍ଟ ଫେଲ୍ ଯୋଗୁ ମଡେଲଙ୍କ ମୃତ୍ୟୁ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତେବେ ମଡେଲଙ୍କ ଦେହରେ ଏକାଧିକ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ଦାବି ହୋଇଛି।

# କୃଷ୍ଣକାୟ ବ୍ୟକ୍ତିଙ୍କୁ ଆଣ୍ଠୁ ତଳେ ଚାପିଦେଲା ଆମେରିକା ପୁଲିସ୍, ଚାଲିଗଲା ଜୀବନ



**ୱାଶିଂଟନ(ଏଜେନ୍ସି):** ଆମେରିକାରେ ପୁଣି ଥରେ ତେଜିଛି କଳା-ଗୋରା ଭେଦଭାବ। ଆମେରିକା ପୁଲିସ୍ ଦ୍ୱାରା ଗିରଫ ହେବା ସମୟରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଆଖି ବୁଜିଛନ୍ତି ଜଣେ କୃଷ୍ଣକାୟ ବ୍ୟକ୍ତି। ମୃତ୍ୟୁ ପୂର୍ବରୁ ବ୍ୟକ୍ତିଜଣକ, ମୁଁ ନିଃଶ୍ୱାସ ନେଇ ପାରୁନି, ମୋ ବେକ ବୁଲାଇ ପାରୁନି ବୋଲି କହିଥିବା ବେଳେ ଏହାକୁ ହାଲକା ଭାବେ ନେଇଥିଲା ଆମେରିକା ପୁଲିସ୍। ଆଉ କିଛି ସମୟ ପରେ ବ୍ୟକ୍ତିଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଆମେରିକାର ଓହିୟୋ ସହରରେ ଏପରି ଏକ ଅସମ୍ବେଦନଶୀଳ ଘଟଣା ଘଟିଛି। ଓହିଓ ପୁଲିସ୍ ଡିପାର୍ଟମେଣ୍ଟ ପକ୍ଷରୁ ଜାରି ହୋଇଥିବା ବଡି-କ୍ୟାମେରା ଫୁଟେଜରେ ଦେଖିବାକୁ ମିଳୁଛି, ପୁଲିସ୍ କର୍ମୀ ଫ୍ରାଙ୍କ ଟାୟସନ ନାମକ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଯାଉଛନ୍ତି। ଏକ କାର୍ ଦୁର୍ଘଟଣା ଘଟାଇ ଟାୟସନ ଫେରାର ହୋଇ ଯାଇଥିବା ଅଭିଯୋଗ ହୋଇଥିଲା। ଓହିଓ ପୁଲିସ୍ ଡିପାର୍ଟମେଣ୍ଟ ପକ୍ଷରୁ ଜାରି ୩୬ ମିନିଟର ଭିଡିଓରେ ଦେଖିବାକୁ ମିଳୁଛି, ଏକ ଇଲେକ୍ଟ୍ରି ଖୁଣ୍ଟରେ ପିଟି ହୋଇ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ପାଟ୍ରୋଲିଂ ଅଫିସର ତାହା ନିକଟକୁ ଯାଉଛନ୍ତି। ଏହା ଦେଖି କାର୍ ଡ୍ରାଇଭର ଟାୟସନ ନିକଟସ୍ଥ ବାରରେ ପଶି ଯାଇଥିଲେ। ଏହାପରେ ପୁଲିସ୍ କର୍ମୀ ସେଠାରେ ପହଞ୍ଚିଥିଲେ।ପୁଲିସ୍ ତାଙ୍କୁ ସେଠାରେ କାବୁ କରିବାକୁ ଚେଷ୍ଟା କରିବାରୁ ଉଭୟ ପକ୍ଷ ମଧ୍ୟରେ ଟଣାଓଟରା ହୋଇଥିଲା। ଏହାପରେ ପୁଲିସ୍ ଅଧିକାରୀ ଟାୟସନଙ୍କୁ ଚଟାଣରେ ମୁହଁ ମାଡ଼ି ପକାଇ ଦେଇ ତାଙ୍କ ହାତରେ ହାତକଡ଼ି ପିନ୍ଧାଇ ଥିଲେ। ଏହି ସମୟରେ ଜଣେ ପୁଲିସ୍ କର୍ମୀ ଟାୟସନଙ୍କ ବେକ ଉପରେ ଆଣ୍ଠୁ ମାଡ଼ି ରଖିଥିଲେ। ଫଳରେ ନିଃଶ୍ୱାସ ନେଇ ପାରୁନି ଓ ବେକ ବୁଲାଇ ପାରୁନି ବୋଲି ଟାୟସନ ଚିତ୍କାର କରି କହିଥିଲେ ମଧ୍ୟ ପୁଲିସ୍ କର୍ମୀ କିଛି ଶୁଣି ନଥିଲେ। ଏପରିକି ତୁମେ ଠିକ୍ ଅଛ, କିଛି ହୋଇନି ବୋଲି କହିଥିଲେ। ନିଜକୁ ମୁକୁଳାଇବା ପାଇଁ ଟାୟସନ କିଛି ସମୟ ସଂଘର୍ଷ କରିବା ପରେ ଶାନ୍ତ ହୋଇ ଯାଇଥିଲେ। ଏପରିକି ସେ ଆଉ ହଲଚଲ ବି ହୋଇ ନଥିଲେ। ଏହାପରେ ସେ ନିଃଶ୍ୱାସ ନେଉଛନ୍ତି ନା ନାହିଁ ବୋଲି ପୁଲିସ୍ ଅଧିକାରୀ ପଚାରିଥିଲେ। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପହରଣ ଓ ଚୋରି ମାମଲାରେ ଜେଲ୍ ଯାଇଥିବା ଫ୍ରାଙ୍କ ଟାୟସନ ୨୪ ବର୍ଷ ସଜା କାଟିବା ପରେ ଗତ ୬ ତାରିଖରେ ମୁକୁଳିଥିଲେ। ମାତ୍ର ପୁଣି ଥରେ ପୁଲିସ୍ ଦ୍ୱାରା ଗିରଫ ହେଉଥିବା ବେଳେ ତାଙ୍କ ଜୀବନ ଯାଇଛି। ଏହି ଘଟଣାରେ ସମ୍ପୃକ୍ତ ପୁଲିସ୍ ଅଧିକାରୀ ଚିହ୍ନଟ ହୋଇ ସାରିଛନ୍ତି। ଏହି ଘଟଣା ୪ ବର୍ଷ ପୂର୍ବେ ଘଟିଥିବା ଜର୍ଜ ଫ୍ଲୟଡଙ୍କ ମୃତ୍ୟୁକୁ ମନେ ପକାଇ ଦେଇଛି। ଜଣେ ପୁଲିସ୍ ଅଧିକାରୀ ଜର୍ଜଙ୍କ ବେକରେ ୯ ମିନିଟ୍ କାଳ ଆଣ୍ଠୁ ମାଡ଼ି ରଖିବାରୁ ତାଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ସମୟରେ ଜର୍ଜ ମଧ୍ୟ ନିଃଶ୍ୱାସ ନେଇ ପାରୁ ନଥିବାରୁ ଛାଡ଼ି ଦେବାକୁ କାକୁତି ମିନତି ହେଉଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଆମେରିକାରେ କଳା ଓ ଗୋରାଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇ ଯାଇଥିଲା। ଏହାପରେ ସମଗ୍ର ଦେଶରେ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇ ଯାଇଥିଲା। ଏହି ଘଟଣାରେ ୪ ପୁଲିସ୍ କର୍ମୀଙ୍କୁ ହତ୍ୟା ଅଭିଯୁକ୍ତ ସାବ୍ୟସ୍ତ କରାଯାଇଥିଲା।

## ଆଇନ ଅଦାଲତ

# ମାଖୁନ୍ ବାଗ୍ ହାଜତ ମୃତ୍ୟୁ ମାମଲା : ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାରେ କ୍ଷତିପୂରଣ ଦିଅ -ହାଇକୋର୍ଟ



**କଟକ(ଏନ୍.ଏମ୍.):** ମାଖୁନ୍ ବାଗ୍ ହାଜତ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ପାଇଁ ରୁଜୁ ମାମଲାରେ ହାଇକୋର୍ଟ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ବିଜୁ ବାଗ୍ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଡ. ଏସ୍.କେ. ପାଣିଗ୍ରାହୀଙ୍କ ଇଜିଲାସ ଉପରୋକ୍ତ ଆଦେଶ ଦେଇଛନ୍ତି। ଏକ ବଳତ୍କାର ଅଭିଯୋଗ ମାମଲାରେ ଫେରାର ଥିବା ନିଜ ପୁଅର ସମ୍ପର୍କରେ ଜାଣିବା ପାଇଁ ଗତ ୨୦୧୫ ମସିହା ଜୁଲାଇ ୧୭ ତାରିଖରେ ବରଗଡ ଜିଲ୍ଲାର ଡେକୁଲ୍ବା ଗାଁର ୫୪ ବର୍ଷୀୟ ମାଖୁନ୍ ବାଗ୍ ଭେଡେନ୍ ଥାନାକୁ ଯାଇଥିଲେ। ଗ୍ରାମରକ୍ଷୀଙ୍କଠାରୁ ସୂଚନା ପାଇବା ପରେ ମାଖୁନ୍ ବାଗ୍ ଭେଡେନ୍ ଥାନାର ତତ୍କାଳୀନ ଅଫିସର୍ ଇନ୍ ଚାର୍ଜ ସୁଶୀଲ୍ କୁମାର ନାୟକଙ୍କୁ ଦେଖା କରିବାକୁ ଯାଇଥିଲେ। ତେବେ ସେ ଥାନାକୁ ଦେଖା କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ କି ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନଥିଲା। ଫଳରେ ଏହି ଘଟଣାରେ ପୁଲିସ୍ର ଭୂମିକାକୁ ନେଇ ସନ୍ଦେହ ଦେଖା ଦେଇଥିଲା। ଏହା ପରେ ମାଖୁନ୍ବାଗ୍ଙ୍କ ପତ୍ନୀ ସାହେବାଣୀ ବାଗ୍ ୨୦୧୫ ମସିହା ସେପ୍ଟେମ୍ବର ୪ ତାରିଖରେ ବରଗଡ ଏସ୍ପିଙ୍କୁ ଭେଟିବା ସହ ମାଖୁନ୍ ବାଗ୍ ଭେଡେନ୍ ଥାନାକୁ ଆସି ଆଉ ଘରକୁ ଫେରିନଥିବା ଦର୍ଶାଇଥିଲେ। ଏସ୍.ପିଙ୍କୁ ଦେଖା କରିବା ପରେ ବି କିଛି ସୁଫଳ ନ ମିଳିବାରୁ ମାଖୁନ୍ ବାଗ୍ର ପରିବାର ସଦସ୍ୟ ଓ ଗ୍ରାମବାସୀ ଭେଡେନ୍ ଥାନାକୁ ଘେରାଉ କରିବା ସହ ନିଖୋଜ ମାଖୁନ୍ ବାଗ୍କୁ ତୁରନ୍ତ ଖୋଜିବାକୁ ଦାବୀ କରିଥିଲେ। ଥାନାରୁ ପ୍ରତିଶୃତି ମିଳିବାର ୮ ଦିନ ପରେ ସ୍ଥାନୀୟ ଜଙ୍ଗଲ ସୁବର୍ଣ୍ଣପୁର ଜିଲ୍ଲାର ମେଟକାଣୀ ମନ୍ଦିର ନିକଟରେ ଏକ ଶବ ପଡିଥିବାର ଖବର ପାଇଥିଲେ। ଶବ ନିକଟରେ ପଡିଥିବା ଲୁଗାପଟାରୁ ଏହା ମାଖୁନ୍ବାଗ୍ର ଶବ ବୋଲି ତାଙ୍କ ପରିବାର ପକ୍ଷରୁ ଚିହ୍ନଟ କରାଯାଇଥିଲା। ପରେ ଡିଏନ୍ଏ ରିପୋର୍ଟରେ ଏହା ପ୍ରମାଣିତ ହୋଇଥିଲା। ଶବ ଚିହ୍ନଟ ପରେ ମୃତକଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଉଲୁଣ୍ଡା ଥାନାରେ ଗତ ୨୦୧୫ ସେପ୍ଟେମ୍ବର ୨୪ ତାରିଖରେ ଭେଡେନ୍ ପୁଲିସ୍ ବିରୋଧରେ ଆଇପିସିର ୩୦୨/୨୦୧ ଦଫାରେ ଏକ ମାମଲା ରୁଜୁ ହୋଇଥିଲା। ଉଲୁଣ୍ଡା ପୁଲିସ୍ ଏହି ଘଟଣାରେ ଭେଡେନ୍ ଥାନାର ପୁଲିସ୍ ଅଧିକାରୀ ନିର୍ମଳ କୁମାର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ଏହାର ସିବିଆଇ ତଦନ୍ତ ସହ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ମୃତକଙ୍କ ପରିବାରକୁ ୬ ସପ୍ତାହ ମଧ୍ୟରେ ୫ ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୂରଣ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଉକ୍ତ କ୍ଷତିପୂରଣ ଅର୍ଥ ରାଶିକୁ ଦୋଷୀ ଅଧିକାରୀଙ୍କ ଦରମାରୁ ଭରଣା କରିବାକୁ ମଧ୍ୟ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆବେଦନକାରୀଙ୍କୁ ମଧ୍ୟ ମାମଲା ଖର୍ଚ୍ଚ ପ୍ରଦାନ କରିବାକୁ ହାଇକୋର୍ଟ ତାଙ୍କ ଆଦେଶରେ କହିଛନ୍ତି। ଅନ୍ୟପକ୍ଷରେ ଦୋଷୀ ଅଧିକାରୀଙ୍କ ବିରୋଧରେ ନିମ୍ନ ଅଦାଲତରେ ବିଚାରଧିନ ମାମଲାର ତ୍ୱରିତ ଶୁଣାଣି କରି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସ୍ପଷ୍ଟ କରିଛନ୍ତି।

# ଲାଞ୍ଚ ମାମଲା : ଡେରାବିଶ ବ୍ଲକ୍ କିରାଣୀଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

**କଟକ(ଏନ୍.ଏମ୍.):** ଲାଞ୍ଚ ଗ୍ରହଣ ମାମଲାରେ କଟକର ସ୍ୱତନ୍ତ୍ର ଭିଜିଲାନସ୍ କୋର୍ଟ ଡେରାବିଶ ବ୍ଲକ୍ର ତତ୍କାଳୀନ କିରାଣୀ ମାଦବ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହିତ କୋର୍ଟ ଆସାମୀ ଶ୍ରୀ ଆଚାର୍ଯ୍ୟଙ୍କୁ ୫ହଜାର ଟଙ୍କାର ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜୋରିମାନା ନ ଦେଇପାରିଲେ ତାଙ୍କୁ ଆଉ ଅଧିକ ୬ ମାସ ଜେଲ୍ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଅଧିନସ୍ଥ ଡେରାବିଶ ବ୍ଲକ୍ର ତତ୍କାଳୀନ ଡିଲିଂ ଆସିଷ୍ଟାଂଟ୍ ତଥା କିରାଣୀ ଶ୍ରୀ ଆଚାର୍ଯ୍ୟଙ୍କ ବିରୋଧରେ ଲାଂଚ ଗ୍ରହଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏପରି ଅଭିଯୋଗ ଆଧାରରେ ଭିଜିଲାନସ୍ ପକ୍ଷରୁ ତାଙ୍କ ବିରୋଧରେ ଦୁର୍ନିତି ନିବାରଣ ଆଇନ ଆଧାରରେ ଏକ ମାମଲା ରୁଜୁ ହୋଇଥିଲେ। ଉକ୍ତ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟ ତାଙ୍କୁ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। କୋର୍ଟଙ୍କ ,ପରି ଦଣ୍ଡାଦେଶ ଆଧାରରେ ରାଜ୍ୟ ଭିଜିଲାନସ୍ ପକ୍ଷରୁ ତାଙ୍କୁ ଚାକିରୀରୁ ବହିଷ୍କାର କରାଯିବାକୁ ଆବେଦନ କରାଯିବ ବୋଲି କୁହାଯାଇଛି।

# କଂଗ୍ରେସ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ସୁପ୍ରିମ କୋର୍ଟରେ ମିଳିଲା ଆଶ୍ୱସ୍ତି



**କଟକ(ଏନ୍.ଏମ.):** ଓଆରଏଚଡିସି ଦୁର୍ନୀତି ମାମଲାରେ ମୋକିମଙ୍କୁ ଜାମିନ ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ। ମୋକିମଙ୍କ ଆବେଦନକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ଭିଜିଲାନ୍ସକୁ ନୋଟିସ କରିଛନ୍ତି। ତେବେ ଜାମିନ ମିଳିବା ପରେ ବି ମୋକିମ ଆଗାମୀ ନିର୍ବାଚନ ଲଢ଼ି ପାରିବେ ନା ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ଓଆରଏଚଡିସି ଦୁର୍ନୀତି ମାମଲାରେ ମୋକିମଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ କରିଥିଲେ ଭିଜିଲାନ୍ସ କୋର୍ଟ। ଏହାକୁ ବିରୋଧ କରି ମୋକିମ ହାଇକୋର୍ଟ ଯାଇଥିବା ବେଳେ ସେଠାରୁ ନିରାଶ ହୋଇଥିଲେ। କାରଣ ଭିଜିଲାନ୍ସ କୋର୍ଟଙ୍କ ରାୟକୁ କାଏମ ରଖିଥିଲେ ହାଇକୋର୍ଟ। ତେବେ ମୋକିମ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟରେ ମୋକିମଙ୍କୁ ଆଜି ଆଶ୍ୱସ୍ତି ମିଳିଛି। ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଥିବା ବେଳେ ଏହାର ସର୍ତ୍ତ ଅନୁଯାୟୀ ସେ ଗିରଫ ହେବାର ସମ୍ଭାବନା ନାହିଁ। ଏଥିସହ ମୋକିମଙ୍କ ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରିଥିବାବେଳେ ପରବର୍ତ୍ତୀ ସମୟରେ ଏହା ଉପରେ ଶୁଣାଣି ହେବ। ଏଥିସହ ଭିଜିଲାନ୍ସକୁ ବି ନୋଟିସ କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ବେଶ୍ ଖୁସି ଥିବା ମହମ୍ମଦ ମୋକିମ କହିଛନ୍ତି, ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ଆଣି ଦଣ୍ଡାଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ତେଣୁ ଆମେ ବେଶ୍ ଖୁସି ଅଛୁ। ନିର୍ବାଚନ ଲଢ଼ିବା, ନଲଢ଼ିବା ନେଇ କିଛି ସ୍ପଷ୍ଟ ହୋଇନି। ତେବେ ୨୦୦୦ ମସିହାରେ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ଓଆରଏଚଡିସିରେ ୧୫୦ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲା। ତେବେ ଋଣ ନସୁଝିବା ଯୋଗୁ ୩୧ ଜୁଲାଇ ୨୦୦୭ ସୁଦ୍ଧା ମେଟ୍ରୋ ବିଲ୍ଡର ଉପରେ ୬କୋଟିରୁ ଅଧିକ ଟଙ୍କା ପେଣ୍ଡିଂ ରହିଥିଲା। ଫଳରେ ସରକାରଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ମେଟ୍ରୋ ବିଲଡର୍ସ ପକ୍ଷରୁ ଋଣ ଆବେଦନ ସମୟରେ ଦାଖଲ କରାଯାଇଥିବା ଅଧିକାଂଶ ଡକ୍ୟୁମେଣ୍ଟ ନକଲି ଥିଲା। ପୁଣି ଉଚିତ ପରିମାଣର ସିକ୍ୟୁରିଟି ଡିପୋଜିଟ୍ ନରଖି ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡକୁ ଋଣ ଦିଆଯାଇଥିଲା। ସମସ୍ତ ଅଭିଯୁକ୍ତ ଅପରାଧିକ ଷଡ଼ଯନ୍ତ୍ର କରି ସରକାରଙ୍କୁ କ୍ଷତି ପହଞ୍ଚାଇ ଅନୁଚିତ ଉପାୟରେ ଏକ ବିଲଡର ସଂସ୍ଥାକୁ ଲାଭ ଦେଇଥିଲେ। ତେଣୁ ଏହି ମାମଲାରେ ମୋକିମଙ୍କୁ ଭିଜିଲାନ୍ସ କୋର୍ଟ ୩ ବର୍ଷ ଜେଲ୍ ଦଣ୍ଡାଦେଶ କରିଥିଲେ।

# ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ମିଥ୍ୟା ମାମଲା ଆବେଦନକାରୀ ଗଣିବେ ୫ ଲକ୍ଷ ଟଙ୍କାର ତଣ୍ଡ

**କଟକ(ଏନ୍.ଏମ୍.):** କଥାରେ ଅଛି ଅଙ୍ଗୁରକୋଳି ନଖାଇପାରିଲେ ଖଟା। ଅର୍ଥାତ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପୁରଣ ନହେଲେ ବିଭିନ୍ନ ଆରୋପ ଲଗାଇବା ବିଚିତ୍ର କଥା ନୁହେଁ। ତେବେ ଏଭଳି ଘଟଣାରେ ଜଣେ ବ୍ୟକ୍ତି ହରଡ଼ଘଣାରେ ପଡ଼ିଛନ୍ତି। ଜଣେ ବ୍ୟକ୍ତିଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଇ ମାମଲା କରିବା କେତେ ଭୟଙ୍କର ଆଜି ତାହା ସ୍ପଷ୍ଟ ହୋଇଛି। କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ ଆଣି ମାମଲା ରୁଜୁ କରିଥିବା ଜଣେ ଆବେଦନକାରୀ ଏବେ ହରଡଘଣାରେ ପଡିଛନ୍ତି। ଏହି ପ୍ରସଙ୍ଗରେ ହାଇକୋର୍ଟରେ ମାମଲା ରୁଜୁ କରିଥିବା ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କାର ଜୋରିମାନା ରାଶି ହାଇକୋର୍ଟ ବାର ଆସୋସିଏସନ ଓକିଲ କଲ୍ୟାଣ ପାଣ୍ଠିରେ ଜମା କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ରାଜନୀତିକ ଉଦ୍ଦେଶ୍ୟ ରଖି ମାମଲା କରାଯାଇଥିବା ଦର୍ଶାଇ ହାଇକୋର୍ଟ ଆବେଦନକାରୀଙ୍କ ଆବେଦନକୁ ଖାରଜ କରିବା ସହ ଆବେଦନକାରୀ ଭାଗ୍ୟଧର ବେହେରାଙ୍କୁ ଆସନ୍ତା ୩ ସପ୍ତାହ ମଧ୍ୟରେ ଉକ୍ତ ଜୋରିମାନା ରାଶି ଜମା କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଗତ ଗତ ୨୦୧୯ ମସିହା ରାଜ୍ୟସଭା ନିର୍ବାଚନରେ ଅଶ୍ୱିନୀ ବୈଷ୍ଣବ ନିଜ ନାମାଙ୍କନ ପତ୍ରରେ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ଭାଗ୍ୟଧର ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ତାଙ୍କ ମାମଲାରେ ଦର୍ଶାଇଥିଲେ ଯେ ନାମାଙ୍କନ ଦାଖଲ ସମୟରେ ଶ୍ରୀ ବୈଷ୍ଣବ ସରକାରଙ୍କ ଅଧୀନରେ ଚୁକ୍ତି ଭିତିରେ କାର୍ଯ୍ୟ କରୁଥିଲେ। ତେବେ ସରକାର ଶ୍ରୀ ବୈଷ୍ଣବ ଏକ ଘରୋଇ ସଂସ୍ଥାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ଏବଂ ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ସେ ଇସ୍ତଫା ଦେଇସାରିଥିଲେ ବୋଲି ମାମଲାର ଶୁଣାଣିବେଳେ ଶ୍ରୀ ବୈଷ୍ଣବଙ୍କ ପକ୍ଷରୁ ତାଙ୍କ ଓକିଲ ଯୁକ୍ତି ରଖିଥିଲେ। ଏଣୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି ମାମଲା ରୁଜୁ କରିବା ଦ୍ୱାରା କୋର୍ଟଙ୍କ ସମୟ ନଷ୍ଟ ହେଉଛି ବୋଲି ମାମଲାର ଶୁଣାଣିବେଳେ ଅଦାଲତ ଦର୍ଶାଇଥିଲେ।

# ଜାମିନରେ ଗଲେ ମହମ୍ମଦ ମୋକିମ୍

**ଭୁବନେଶ୍ୱର (ଏନ୍.ଏମ୍.):** ଓଡ଼ିଶା ଗ୍ରାମ୍ୟ ଗୃହନିର୍ମାଣ ଉନ୍ନୟନ ନିଗମ(ଓଆରଏଚଡିସି) ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ପାଇବାପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିଧାୟକ ଇଂ. ମହମ୍ମଦ ମୋକିମ୍ ଆଜି ସ୍ପେସାଲ ଭିଜିଲାନ୍ସ କୋର୍ଟରେ ହାଜର ହୋଇ ଜାମିନରେ ଯାଇଛନ୍ତି। ୨ଲକ୍ଷ ଟଙ୍କା ଜରିମାନା ଦେଇ ସେ ଜାମିନ ପାଇଛନ୍ତି। ଉଲ୍ଲେଖନୀୟ ଯେ ୨୦୦୫ ମସିହାରେ ଓଆରଏସଡିସି ଠାରୁ ଦେଢ଼କୋଟି ଟଙ୍କା ଋଣ ଠକେଇ ମାମଲାରେ ଇଂ. ମୋକିମ୍ଙ୍କୁ ସ୍ପେସାଲ ଭିଜିଲାନ୍ସ କୋର୍ଟ ୩ ବର୍ଷ ସଜା ଶୁଣାଇଥିଲେ। ଏହି ରାୟ ବିରୋଧରେ ସେ ହାଇକୋର୍ଟରେ ଅପିଲ କରିଥିଲେ ମଧ୍ୟ ହାଇକୋର୍ଟ ତଳ କୋର୍ଟ ରାୟକୁ କାଏମ ରଖିଥିଲେ। ତେଣୁ ସେ ଏହି ମାମଲାକୁ ନେଇ ପୁନର୍ବାର ସୁପ୍ରିମକୋର୍ଟରେ ଫେରାଦ ହୋଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ଜେଲ୍ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଦେଇ ତାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟରେ ମାମଲାର ବିଚାର ନହେଲା ପର୍ଯ୍ୟନ୍ତ ତାଙ୍କୁ ଜାମିନ ଦେବାକୁ ସେଠାରେ ନିର୍ଦ୍ଦେଶ ହୋଇଥିବାରୁ ସେ ଆଜି ସ୍ପେସାଲ ଭିଜିଲାନ୍ସ କୋର୍ଟରେ ହାଜର ହୋଇଥିଲେ। ତେବେ ଜାମିନରେ ପାଇଥିଲେ ମଧ୍ୟ ସଜା ଆଦେଶର ବିଚାର ହେବାକୁ ଥିବାରୁ ସେ ନିର୍ବାଚନରେ ପ୍ରାର୍ଥୀ ହୋଇ ଲଢି ପାରିବେ ନାହିଁ ବୋଲି ଜଣାପଡ଼ିଛି। ତେବେ ତାଙ୍କ ଝିଅକୁ ପ୍ରାର୍ଥୀ କରିବା ପାଇଁ କଟକ କଂଗ୍ରେସ କର୍ମୀମାନେ ଦାବି କରିଛନ୍ତି।

ନିଷ୍କର୍ଷ
NISHKARSHA



## ସମ୍ପାଦକୀୟ

# ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/ ୨ରେ ଏହା ବର୍ଣ୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।

ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟଙ୍କୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା । ଜିତେନ୍ଦ୍ର ଆୱାଧ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସେ ହିନ୍ଦୁଙ୍କ ଆରାଧ୍ୟ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି । ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି । ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଏହିପରି ଅନେକ କ୍ଷମତାପିପାସୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉନାହାନ୍ତି । କିଛି ଦିନ ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ । କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ । ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏତାଦୃଶ ଘୃଣା ଏବଂ ହିଂସା ଉଦ୍ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟକୁ ଚିଠି ଲେଖିଛନ୍ତି । ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ । ସେଥିପାଇଁ ତାଙ୍କ ବିରୋଧ ରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି । ସେ ଚିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚିଠିରେ ଉପସ୍ଥାପନା କରାଯାଇଛି । ଉଦୟନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡି ଏମ୍ କେ ର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି । ଚେନ୍ନେଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି । ସବୁକିଛି ସୁଖ ସ୍ୱାଚ୍ଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା, ସୁନା, ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଅବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ, ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି । ଏହାର ଅନେକ ଦୃଷ୍ଟାନ୍ତ ରହିଛି । ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ, ଗୁଟକା , ସିଗାରେଟ, ହିରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି,

'ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ'

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର, ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି । ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି । ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି । ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି । ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି । ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି । ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା, ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇ ଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି 'ଦଇବ ଦଉଡି ମଣିଷ ଗାଈ ଯେଣିକି ଟାଣଇ ଶେଣିକି ଯାଇ' ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା ।

ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର
ମୋବାଇଲ-୭୦୨୦୬୧୧୩୦୦

## ସମାନ ନାଗରିକ ସଂହିତା ଭେଦଭାବ ପରିବର୍ତ୍ତେ ସମାବେଶୀତା ପାଇଁ ଉଦ୍ଦିଷ୍ଟ

ସମାନ ନାଗରିକ ସଂହିତାର ଉଦ୍ଦେଶ୍ୟ ସଂଖ୍ୟାଲଘୁଙ୍କୁ ତାଙ୍କ ଧର୍ମ ଏବଂ ସଂସ୍କୃତି ସାଧୀନତା ସମ୍ବନ୍ଧୀୟ ସାମ୍ବିଧାନିକ ଅଧୀକାରକୁ ବଂଚିତ କରିବା ନୁହେଁ, ବରଂ ବିଭିନ୍ନ ଧର୍ମରେ ପ୍ରଚଳିତ ଲିଙ୍ଗଗତ ଭେଦଭାବକୁ ଦୂରକରିବା ପାଇଁ ଏହା ଉଦ୍ଦିଷ୍ଟ । ସମସ୍ତ ନାଗରିକଙ୍କ ପାଇଁ ଅପରାଧୀକ ଆଇନ ଯେପରି ସମାନ ହୋଇଥାଏ, ସେହିପରି ଭାବେ ଯଦି ସମାନ ନାଗରିକ ସଂହିତା ଲାଗୁହଏ ତେବେ ଦେଶରେ ସମସ୍ତ ବିବାହ, ଛାଡପତ୍ର ଓ ଉତ୍ତରାଧୀକାର ଏବଂ ପୋଷ୍ୟ ସନ୍ତାନ ପାଇଁ ଏକ ସାଧାରଣ ନିୟମ ରହିବ । ବିଭିନ୍ନ ଧର୍ମରେ ବିଶ୍ୱାସ ରଖୁଥିବା ଲୋକମାନେ ଅନେକ ସମୟରେ ସାମାଜିକ ଜୀବନରେ ସମାନ ପ୍ରକାର ସମସ୍ୟାର ସମ୍ମୁଖୀନ ହୁଅନ୍ତି । ସମାନ ନାଗରିକ ସଂହିତାର ଲକ୍ଷ୍ୟ ହେଉଛି ସମାଜିକ ଜୀବନକୁ ସୁରକ୍ଷା ଦେବା ତଥା ମହିଳା ମାନେ ଯେପରି ନ୍ୟାୟାଳୟରେ ପହଂଚି ବିବାହ ବିଚ୍ଛେଦ ସମୟରେ ତାଙ୍କର ଉଚିତ୍ ଭରଣ ପୋଷଣ ଖର୍ଚ୍ଚ ଏବଂ ନିଜ ପିତାମାତାଙ୍କର ସମ୍ପତ୍ତିରେ ଉତ୍ତରାଧୀକାରର ଅଧୀକାର ପାଇପାରିବେ ତାହା ସୁନିଶ୍ଚିତ କରିବା । ଜଣେ ବ୍ୟକ୍ତିକୁ ମସଜିଦ୍ରରେ ନମାଜ ଅର୍ପଣ କରିବା କିମ୍ବା ଚର୍ଚ୍ଚରେ ରବିବାର ପ୍ରାର୍ଥନା ତଥା ନିଜ ସଂସ୍କୃତିର ସଂରକ୍ଷଣ କରିବ । ପାଇଁ ସମାନ ନାଗରିକ ସଂହିତା କୌଣସି ପ୍ରକାର ବାଧକ ସାଜିବ ନାହିଁ । ସମାନ ନାଗରିକ ସଂହିତା ଦେଶର ନାଗରିକଙ୍କର ଆଇନଗତ ଅଧୀକାରକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ । ଏହା ଦ୍ୱାରା ଘରୋଇ ମାମଲା ଗୁଡିକରେ ଆଇନ ସମ୍ମୁଖରେ ସମସ୍ତ ଲୋକ ସମାନ ହୋଇ ପାରିବେ କାରଣ ସମସ୍ତଙ୍କୁ ସମାନ ଅଧୀକାର ପ୍ରଦାନ କରିବା ପାଇଁ ସମ୍ବିଧାନରେ ଉଲ୍ଲିଖିତ ରହିଛି । ତେଣୁ ଦେଶରେ ଦ୍ୱୈତ ବ୍ୟବସ୍ଥା ନ ରହି, ଗୋଟିଏ ନିୟମ ରହିବା ଅନିବାର୍ଯ୍ୟ । ବିଭିନ୍ନ ଧର୍ମର ଭିନ୍ନ ଭିନ୍ନ ବ୍ୟକ୍ତିଗତ ନିୟମ ରହିଛି, ତେଣୁ ସମାନ ନାଗରିକ ସଂହିତା ସମସ୍ତ ଧର୍ମରେ ଥିବା ଅନୁଚିତ୍ ଏବଂ ଭେଦଭାବପୂର୍ଣ୍ଣ ଆଚରଣ ଗୁଡିକର ଦୂରୀକରଣ କରିବ । ଭାରତୀୟ ସମ୍ବିଧାନର ଧାରା ୪୪, ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତ ଅନୁଯାୟୀ ସାରା ଦେଶରେ ଏକ ସମାନ ନାଗରିକ ସଂହିତା ଦେଶର ଆନ୍ତରିକ ପ୍ରଚେଷ୍ଟାକୁ ପ୍ରତିଫଳିତ କରୁଛି । ଶାହବାନୋ ମାମଲା ସମୟରେ ସେ ଯେତେବେଳେ ନିଜ ସାମୀଙ୍କ ଠାରୁ ଛାଡପତ୍ର ପାଇଥିଲେ, ତାଙ୍କ ଠାରୁ ନିଜର ଭରଣ ପୋଷଣ ପାଇଁ ଖର୍ଚ୍ଚ ମାଗିଥିଲେ । ହେଲେ ତାଙ୍କ ସାମୀ ଏହା କହି ମନା କରିଦେଇଥିଲେ ଯେ ଏହା ମୁସଲିମ୍ ବ୍ୟକ୍ତିଗତ ନିୟମରେ ଅର୍ନ୍ତଭୁକ୍ତ ନୁହେଁ । କିନ୍ତୁ ଶାହବାନୋ ଯେତେବେଳେ କୋର୍ଟ ନିକଟରେ ପହଂଚିଥିଲେ, ମାନନୀୟ ନ୍ୟାୟାଳୟ ଏକ ଗୁରତ୍ୱପୂର୍ଣ୍ଣ ରାୟ ଦେଇଥିଲେ ଯେ, ଧର୍ମ ନିର୍ବିଶେଷରେ ଆପରାଧୀକ ପ୍ରକ୍ରିୟା ସଂହିତା-୧୯୭୩ ର ଧାରା ୧୨୩ ସମସ୍ତ ନାଗରିକଙ୍କ ପାଇଁ ପ୍ରଯୁଜ୍ୟ । ଅନେକ ଇସଲାମିକ ଦେଶ ସମୟର ପରିବର୍ତ୍ତନ ସହ ସେମାନଙ୍କ ବ୍ୟକ୍ତିଗତ ନିୟମରେ ମଧ୍ୟ ପରିବର୍ତ୍ତନ କରିଆସିଛନ୍ତି । ସମାନ ନାଗରିକ ସଂହିତା ଅର୍ନ୍ତଗତ ଲୋକଙ୍କ ଦ୍ୱାରା ଅପବ୍ୟବହୃତ ହେଉଥିବା ବହୁବିବାହ ପ୍ରଥାକୁ ରୋକାଯିବ । ଏହା ଏକ ସମ୍ପୂର୍ଣ୍ଣ ଭୁଲ ଧାରଣା ଯେ ସମାନ ନାଗରିକ ସଂହିତା ଦ୍ୱାରା ଆଦିବାସୀ ସମେତ ସଂଖ୍ୟାଲଘୁ ମାନେ ହିନ୍ଦୁ ନିୟମ ପାଳନ କରିବାକୁ ବାଧ ହେବେ । କାରଣ ଲୋକଙ୍କ ଧାର୍ମିକ ରୀତିନୀତି, ପରମ୍ପରା ଏବଂ ସଂସ୍କୃତିକୁ ପାଳନ କରିବା ପାଇଁ ସମାନ ନାଗରିକ ସଂହିତା ସେମାନଙ୍କ ପାଇଁ କୌଣସି ପ୍ରକାର ଅନ୍ତରାୟ ସୃଷ୍ଟି କରିବ ନାହିଁ ।

- ମହମ୍ମଦ ଓବୈଦୁଲା

## କବିତା ଗୁଚ୍ଛ

### ଝାଇଆଁ ଖରା

ଟାଇଁ ଟାଇଁ ହୋଇ ମାରୁଛି ଖରା
ସୁଖଇ ନଇ ନାଳ
ଝାଇଁ ଝାଇଁ ହୋଇ ଯାଉଛି ମୁଣ୍ଡ
କାହିଁ ନମିଳେ ଜଳ କ୍ଷ
ରିମିଝିମ ହୋଇ ବରଷା ରାଣୀ
ଯଦି ଆସନ୍ତା ଥରେ
ପ୍ରକୃତି ରାଣୀ ଉଠନ୍ତା ହସି
ସବୁଜ ଫୁଲ ଫଳରେ କ୍ଷ
ଜଳିଜଳି ଯାଏ ବୃକ୍ଷ ଲତା ସବୁ
ଜଳ ବିହୁନେ କାନ୍ଦେ
ଜଳୀୟ ଅଂଶ ଯାଏ ତ ସୁଖୀ
ମାନବେ ସ୍ୱେଦ ଗନ୍ଧେ କ୍ଷ
ମୃଗତୃଷ୍ଣା ସତେ ମାଡ଼ିକିଆସେ
ଆଖି ମରିଯାଏ ଝାଇଁ
ଠାବେ ଠାବେ ଜଳ ଛତ୍ର ମିଳଇ
ମିଶିଣ ଲୁଣ ଦହି କ୍ଷ
ଅତି କ୍ରୋଧରେ କ୍ରୋଧିତ ହୋଇ
ବିରଞ୍ଚି ନାରାୟଣ
ତାଙ୍କ ତାପରେ ତାପିତ ସର୍ବେ
ଛାଡି ଯାଉଛି ପ୍ରାଣ କ୍ଷ
ସମୁଦ୍ର ପାଣି ନିଅନ୍ତି ଶୋଷି
ବରଷା ରାଣୀ ପାଇଁ
ସବୁଜ ଶାଢୀରେ ସଜାଇ ଦେବେ
ମଙ୍ଗଳ ସୂତ୍ର ଦେଇ କ୍ଷ
ଷଡ଼ ଋତୁ ର ପ୍ରଥମ ଋତୁ
ବୈଶାଖ ଜ୍ୟେଷ୍ଠ ମାସ
ସୂଚାଇ ଦିଏ ଦୁଃଖର ପରେ
ନିଶ୍ଚୟ ସୁଧା ରସ କ୍ଷ



- ବିଷ୍ଣୁପ୍ରିୟା ପଣ୍ଡା
ପହଙ୍ଗା, ନିଆଳୀ, କଟକ

# ସ୍ୱାଭିମାନୀ ଆଇନଜୀବୀ ମଧୁବାବୁ କାହିଁକି ପ୍ରାସଙ୍ଗିକ



ବିଭୁପ୍ରସାଦ ତ୍ରିପାଠୀ

ଚଳିତ ବର୍ଷ ପରି ଏଥର ମଧ ରାଜ୍ୟବ୍ୟାପୀ ଆଇନଜୀବିମାନେ ସ୍ୱାଭିମାନୀ ଆଇନଜୀବି ମଧୁସୂଦନ ଦାସଙ୍କର ଜନ୍ମ ଜୟନ୍ତୀକୁ ଆଇନଜୀବି ଦିବସ ଭାବେ ପାଳନ କରୁଛନ୍ତି । ଏହି ଅବସରରେ ରାଜ୍ୟର ୧୬୦ ଟି ବାର ଆସୋସିଏସନ୍‌ଗୁଡ଼ିକରେ ପରମ୍ପରାଗତ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କିନ୍ତୁ ଏହି କାର୍ଯ୍ୟକ୍ରମରେ ଯେଉଁଳି ଜୀବନ ନଥିବା ଭଳି ପ୍ରତୀୟମାନ ହେଉଛି । ସ୍ୱାଭିମାନୀ ଆଇନଜୀବିଟିଏ ଖୋଜିବା ବେଳେ ମଧୁବାବୁଙ୍କ ଜୀବନାଦର୍ଶ ଆଖି ସାମ୍ନାକୁ ଆପେ ଆପେ ଆସି ଯାଉଛି । କିନ୍ତୁ କିଏ ହେବ ସ୍ୱାଭିମାନୀ ଆଇନ୍‌ଜୀବୀ ଓ ଏଥିପାଇଁ ସେଭଳି ଶ୍ରମସ୍ୱୀକାର କରି ନିଜ ପେଟ ଓ ପକେଟ୍‌ର ବିଚାରକୁ ଛାଡ଼ି ସମାଜ ପଛରେ ଧାଇଁବାର ବ୍ୟକ୍ତିତ୍ୱଟିଏ ଆମ ସମାଜରେ ଆମେ ପାଇ ପାରିବା କିଭଳି ପ୍ରଶ୍ନ ମନ ଭିତରେ ସୃଷ୍ଟି ହେଉଛି । ନୀତି ଓ ନୈତିକତାର କ୍ରମାଗତ ଉଲ୍ଲଙ୍ଘନ କରୁଥିବା ଯେକୌଣସି ମଣିଷକୁ ଆମ ବ୍ୟବସ୍ଥାର ମଙ୍ଗ ଧରିଥିବା ମଙ୍ଗୁଆଳମାନେ ଯେତେବେଳେ ସାମାଜିକ ସ୍ୱୀକୃତି ଦେଇ ସେହି ବ୍ୟକ୍ତିଟିକୁ ବ୍ୟବହାର କରିଥାନ୍ତି ସେତେବେଳେ ମଧୁବାବୁଙ୍କର ସ୍ୱାଧୀନଚେତା ବ୍ୟକ୍ତିତ୍ୱଟି ଆହୁରି ସ୍ମରଣୀୟ ହୋଇପଡୁଛି । ଯେତେବେଳେ ଆମ ଗଣତନ୍ତ୍ର ବ୍ୟବସ୍ଥାଟି ଜନମତ ପ୍ରତି ନିଷ୍ଠୁର ହୋଇପଡୁଛି ଓ ଭୋଟଦାତାଟି ନିଜକୁ ଅସହାୟ ମନେ କରି ଅର୍ଥସର୍ବସ୍ୱ ନିର୍ବାଚନୀ ରାଜନୀତିରେ ରାଜନୈତିକ ନେତାମାନଙ୍କ ହାତରେ ଶର୍ଖି କଣ୍ଢେଇ ହୋଇପଡିଛି ସେତେବେଳେ ମଧୁଚେତନାକୁ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବାର ଆବଶ୍ୟକତା ପଡ଼ୁଛି । ଓଡ଼ିଶା ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶଭାବେ ଗଠନ ହେବାର ବହୁ ବର୍ଷ ବିତିଯାଇଥିଲେ ମଧ ଆମ ଆର୍ଥିକ ମାନସିକ ଦାରିଦ୍ର୍ୟ ଆମ ଆତ୍ମସମ୍ମାନରେ ଯେତେବେଳେ ଅର୍ଥ ସୃଷ୍ଟି କରୁଛି ସେତେବେଳେ ମଧୁବାବୁଙ୍କର ଜାତୀୟତାବାଦ୍ ପ୍ରତି ଓ ଓଡ଼ିଆ ସଂସ୍କୃତିର ପୃଷ୍ଠ ପୋଷକତା ଆମ୍ଭ ମାନଙ୍କୁ ଗୋଟିଏ ଦିଗବାରେଣୀ ଖୁଣ୍ଟ ଭାବେ ପ୍ରତୀୟମାନ ହେଉଛି । ରାଜ୍ୟର ବିଭିନ୍ନ ବାର୍ଗୁଡ଼ିକର ନିର୍ବାଚନରେ ଯେତେବେଳେ ବ୍ୟାପକ ଅର୍ଥର ପ୍ରୟୋଗ ହିଁ ଆଇନ୍ ?ଜୀବି ମାନଙ୍କର ନେତା ସୃଷ୍ଟି କରେ ସେତେବେଳେ ମଧୁବାବୁଙ୍କ 'ବୌଦ୍ଧିକ ସଂସ୍କୃତିର ମୂଲ୍ୟ ଅର୍ଥ ଠାରୁ ଅଧିକ' ଉକ୍ତିଟିର ଆବଶ୍ୟକତା ଉପଲବ୍ଧି ହୁଏ । ଆଜି ଯେତେବେଳେ ରାଜ୍ୟ ଓ ଦେଶକୁ ଭଲ ପାଉଥିବା ଦେଶପ୍ରେମୀମାନଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି ଓ ଯୁବ ମାନସକୁ ନିଜ ଆଦର୍ଶ ଦ୍ୱାରା ଆଚ୍ଛାଦିତ କରି ରଖିବାର ବ୍ୟକ୍ତିତ୍ୱମାନଙ୍କ ଅଭାବ ପରିଲିକ୍ଷିତ ହେଉଛି ସେତେବେଳେ ମଧୁବାବୁଙ୍କ ଭଳି ବହୁମୁଖୀ ପ୍ରତିଭା ମାନଙ୍କ ସମ୍ପର୍କରେ ବିଚାର ବିମର୍ଶର ଆବଶ୍ୟକତା ଅନୁଭବ ହେଉଛି । କେବଳ ଆଇନ୍ ?ପେଷାକୁ ଅର୍ଥ ସର୍ବସ୍ୱ ପେଷା ଭାବେ ଗ୍ରହଣ ନ କରି ଆଇନଜୀବି ମାନଙ୍କ ମଧ୍ୟରେ ସ୍ୱାଭିମାନ ଓ ସ୍ୱାଧୀନତାକୁ ଗୁରୁତ୍ୱଦେବା ଲାଗି ନିଜ ଜୀବନାଦର୍ଶରେ ମଧୁବାବୁ ଯେଉଁ ରାସ୍ତା ଦେଖାଇ ଯାଇଛନ୍ତି ସେହି ରାସ୍ତା ଗୁଡ଼ିକ ଏବେ ନୂତନ ପିଢ଼ିର ଆଇନଜୀବିମାନଙ୍କ ନିକଟରେ ପହଞ୍ଚେଇବାର ଯଥାର୍ଥତା ଅନୁଭବ ହେଉଛି । ନିଜର ଅସାଧାରଣ ବ୍ୟକ୍ତିତ୍ୱଟି ବଳରେ ସେ ବିଚାର ବିଭାଗରେ ମଧ ଭିନ୍ନ ଧରଣର ଛାପଟିଏ ଛାଡ଼ି ଦେଇ ଯାଇଛନ୍ତି । ଜଗନ୍ନାଥ ମନ୍ଦିର ପରିଚାଳନା ସମ୍ପର୍କୀୟ ମକଦ୍ଦମାଠାରୁ ଆରମ୍ଭ କରି ପାରଳାମହାରାଜା ଠାରୁ ପ୍ରଜାଙ୍କ ପାଇଁ ମକଦ୍ଦମା ପରିଚାଳନା କରି ସେ ନିଜ ସାହସିକତା ଓ ସ୍ୱାଧୀନ ଚେତା ମନୋଭାବର ପରିଚୟ ଦେଇଥିଲେ । ଆଜି ଯେତେବେଳେ ବିଚାରପତି ମାନଙ୍କ ନିକଟରେ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ମକଦ୍ଦମା ପରିଚାଳନା ପାଇଁ କୌଣସି ଆଇନଜୀବି ନିଜ ମହକିଲଟିର ପ୍ରତିନିଧିତ୍ୱ କରେ ସେତେବେଳେ ସେ ନିଜର ସ୍ୱାଧୀନ ଚେତା ବିବେକକୁ ପ୍ରଶ୍ନ କରିବାର ଆବଶ୍ୟକତା ରହିଛି ଯେ ସେ ମଧୁବାବୁଙ୍କ ପ୍ରକୃତ ଦାୟାଦ ଭାବେ ନିଜର ପରିଚୟ ସୃଷ୍ଟି କରିପାରିବ କି ନାହିଁ । ଜଣେ ଆଇନ୍‌ଜୀବୀ ଭାବେ ନିଜର ବୌଦ୍ଧିକତାକୁ ଖାଲି କୋର୍ଟ କଚେରୀ ମଧ ସୀମିତ ନ ରଖିବା, ବ୍ୟବସ୍ଥାପିକାରେ ନିଜର ପ୍ରତିନିଧିତ୍ୱକୁ ଜାହିର କରିବାଠାରୁ ଆରମ୍ଭ କରି ନିଜକୁ ଜଣେ ସଚେତନ ଓଡ଼ିଆ ଜାତିର ନେତୃତ୍ୱ ଭାବେ ମଧୁବାବୁଙ୍କ ଅବଦାନ ଆମ ସମସ୍ତଙ୍କୁ ମନେ ପକେଇ ଦେଇଛି ଯେ ଖାଲି ଆଇନ୍ ?ଜୀବି ନୁହେଁ ନାଗରିକ ଭାବେ ମଧ୍ୟ ଆମ ସମସ୍ତଙ୍କ ସମାଜ ପାଇଁ ଓ ନୂତନ ପୀଢ଼ି ପାଇଁ ଗୁରୁ ଦାୟିତ୍ୱ ରହିଛି । ପଦପଦବୀ ସମ୍ପତ୍ତି କିମ୍ବା କୌଣସି ତୋଷାମଦ ତାଙ୍କୁ ସେଥିପାଇଁ ପ୍ରଭାବିତ କରିପାରି ନ ଥିଲା । ଆଜି ଆମ ରାଜ୍ୟରେ ଯେତେବେଳେ କୌଣସି ଗୋଟିଏ ଆଇନ୍ ?ଜୀବି ସଂଘ ନିଜର ପେଷାଗତ ସୁରକ୍ଷା ପ୍ରସଙ୍ଗରେ ପ୍ରଶ୍ନ କରିବା ପାଇଁ ସାହସ ଜୁଟାଇବାକୁ ଅକ୍ଷମ ହେଉଛନ୍ତି ଓ ଆଇନ୍‌ଜୀବୀମାନଙ୍କ ସଂଘ ଗୁଡ଼ିକୁ ବହୁଧା ଭାବେ ବିଭକ୍ତ ହୋଇପଡ଼ିଛି, ସେତେବେଳେ ୧୯୦୩ ମସିହାରେ ମଧୁବାବୁଙ୍କ ପ୍ରଚେଷ୍ଟାରେ ଗଠନ କରାଯାଇଥିବା ଉତ୍କଳ ସମ୍ମିଳନୀର ଅତୁଳନୀୟ ଅବଦାନ ଆମକୁ ଆତ୍ମ ସମୀକ୍ଷା ପାଇଁ ଖୋରାକ ଯୋଗାଉଛି । ଉତ୍କଳ ସମ୍ମିଳନୀର ଆନ୍ଦୋଳନ ଓ ଆହ୍ୱାନରେ ନିଜକୁ ସାମିଲ୍ କରି ମଧ ଆଇନ୍‌ଗତ ଦିଗ ଗୁଡ଼ିକୁ ତର୍ଜମା କରି ଆଇନ୍ ରିପୋର୍ଟକୁ ମନେ ରଖିବାରେ ପ୍ରଚଣ୍ଡ ଦକ୍ଷତାର ଅଧିକାରୀ ଥିଲେ ମଧୁବାବୁ । ନିଜର ଜୁନିୟର ଆଇନ୍‌ଜୀବୀମାନଙ୍କୁ ଅଫିସ୍‌ର କେଉଁ ଥାକରେ କେଉଁ ଆଇନ୍‌ପୁସ୍ତକ ରହିଛି ଓ ସେ ପୁସ୍ତକରେ କେଉଁ ପୃଷ୍ଠାରେ ସେହି ନ୍ୟାୟପାଳିକାର ରାୟ ପ୍ରକାଶ ପାଇଛି ସେ ସମ୍ପର୍କରେ ଜୁନିୟର ଆଇନ୍‌ଜୀବୀମାନଙ୍କୁ ପ୍ରଶିକ୍ଷଣ ଦେବାରେ ତାଙ୍କର ଭୂମିକା ଅବର୍ଣ୍ଣନୀୟ । ଆଇନ୍‌ପେଷାରେ ଯୋଗ ଦେଉଥିବା ନବାଗତମାନଙ୍କ ପାଇଁ ମଧୁବାବୁଙ୍କ ପେଷାଗତ ଜୀବନର ଅନେକ ଘଟଣାବଳୀ ମଧ୍ୟରୁ ଗୋଟିଏ ଘଟଣା ନିଶ୍ଚିତଭାବେ ଉଦ୍‌ବୁଦ୍ଧ କରିବାର ବିଷୟ । ମଧୁବାବୁଙ୍କ ନିକଟରେ ଜୁନିୟର ଭାବେ କାର୍ଯ୍ୟରତ କରୁଥିବା ଆଇନ୍‌ଜୀବୀ ଗୋପାଳ ଚନ୍ଦ୍ର ପ୍ରହରାଜ ଗୋଟିଏ ପୁସ୍ତକରେ ଲେଖିଛନ୍ତି ଯେ ସେ ଯେତେବେଳେ ମଧୁବାବୁଙ୍କ ସହିତ ବିଭିନ୍ନ କୋର୍ଟକୁ ପେଷାଗତ କାର୍ଯ୍ୟରେ ଯାଉଥିଲେ ସେତେବେଳେ ସେ ଗୋଟିଏ ଲଜ୍ ?ରେ ଏକାଠି ରହୁଥିଲେ ଓ ଯେତେବେଳ ପର୍ଯ୍ୟନ୍ତ ତାଙ୍କ ଜୁନିୟର ମାନେ ଖାଇ ନ ଥିବେ ସେ ମଧ ଖାଦ୍ୟ ଗ୍ରହଣ କରୁ ନ ଥିଲେ । ଥରେ ଗୋଟିଏ ଘଟଣାରେ ଜଣେ ଜୁନିୟର ଆଇନ୍ ?ଜୀବିଙ୍କ ବାପା ମଧୁବାବୁଙ୍କ ଠାରୁ କିଛି ଅର୍ଥ ଆବଶ୍ୟକତା ହେତୁ ନେଇଥିଲେ ଓ ସେହି ଆଇନଜୀବୀ ଜଣଙ୍କ ସେହି ଅର୍ଥ ଫେରେଇବା ବେଳେ ମଧୁବାବୁ ତାଙ୍କୁ ଗୋଟେ ରସିଦ୍ ?ରେ ସେହି ଅର୍ଥଟି ସେ ପାଇଛନ୍ତି ବୋଲି ଲେଖି ଜୁନିୟର ଓକିଲଙ୍କ ପକେଟ୍ ?ରେ ସେହି ଟଙ୍କାଟକ ରଖିଦେଲେ । ନୂଆ ପେଷାରେ ଯୋଗ ଦେଇଥିବାରୁ ଏହା ତାଙ୍କର ରୋଜଗାର ବୋଲି କହିଥିଲେ । ସେ ପେଷାରେ ଏତେ ନିମଗ୍ନ ରହୁଥିଲେ ଯେ ଏକଦା ଲିମିଟେସନ ସମ୍ପର୍କରେ ଗୋଟିଏ ମକଦ୍ଦମାରେ ନିଜ ମହକିଲଙ୍କ ପାଇଁ ରାୟ ଖୋଜି ଖୋଜି ଅନେକ ରାତିରେ ସେ ଶୋଇପଡ଼ିଥିଲେ । ହଠାତ୍ ପାହାନ୍ତା ପହର ନିଦରେ ସେ ଗୋଟିଏ ରାୟ ସ୍ୱପ୍ନ ଦେଖି ସକାଳୁ ଉଠି ଦେଖିଥିଲେ ସେ ଯେଉଁ ରାୟଟି ଖୋଜୁଥିଲେ ତାହା ସେ ପାଇଛନ୍ତି । ଏହି ଭଳି ଘଟଣା ତାଙ୍କ ପେଷାଗତ ପ୍ରତିବଦ୍ଧତା ଓ ନିଷ୍ଠାର ପରିଚାୟକ ।

ଆଇନ୍‌ପେଷାରେ ସାଧୁତା ଆଚରଣ ସଂହିତାର ଆଲୋକ ବର୍ତ୍ତିକା ଥିଲେ ମଧୁବାବୁ । ତାଙ୍କ ପେଷାଗତ ନିଷ୍ଠାପରତା ଓ କୌଶଳ ଆଜି ମଧ ପ୍ରାସଙ୍ଗିକ । ସେ କୌଣସି ଧନୀ କିମ୍ବା ଗରିବ ମହକିଲଙ୍କ ମଧ୍ୟରେ ପାର୍ଥକ୍ୟ ଦେଖୁ ନ ଥିଲେ । ଯେ କୌଣସି ମହକିଲର ଥରେ ମକଦ୍ଦମା ଗ୍ରହଣ କଲେ ସେହି ମକଦ୍ଦମାକୁ ନିଜର ସମସ୍ତ ବୌଦ୍ଧିକ ସାମର୍ଥ୍ୟ ଲଗାଇ ଲଢୁଥିଲେ ମଧୁବାବୁ । ଆର୍ଥିକ ପ୍ରଲୋଭନ କିମ୍ବା ଅର୍ଥନୈତିକ ଚାପରେ ତାଙ୍କ ପେଷାଗତ ପରିଶ୍ରମର ଆଧାରରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହେଉ ନ ଥିଲା । ମାଗଣାରେ ନେଇଥିବା ମକଦ୍ଦମାଟି ମଧ ମଧୁବାବୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଯେଉଁ ମକଦ୍ଦମାରେ ମହକିଲଙ୍କ ସେ ଅର୍ଥ ଗ୍ରହଣ କରୁଥିଲେ ଓ କୌଣସି କାରଣରୁ ମକଦ୍ଦମାର ତାରିଖରେ ହାଜର ହେଇ ପାରୁ ନ ଥିଲେ ସେ ସେହି ମକଦ୍ଦମା ଖର୍ଚ୍ଚଟି ଫେରାଇ ଦେଉଥିଲେ । ତାଙ୍କର ପେଷାଗତ କର୍ତ୍ତବ୍ୟନିଷ୍ଠା ସେ ଦୃଷ୍ଟିରୁ ଦୃଷ୍ଟାନ୍ତମୂଳକ । ଆଜି ଯେତେବେଳେ ଜୁନିୟର ଓକିଲ ମାନେ ବିଭିନ୍ନ ଆଇନ ମହାବିଦ୍ୟାଳୟରୁ ଅଧ୍ୟୟନ କରି ପେଷାରେ ଯୋଗ ଦେଉଛନ୍ତି ସେତେବେଳେ ବରିଷ୍ଠ ଆଇନ୍ ?ଜୀବି ମାନେ ସେମାନଙ୍କୁ ପେଷାଗତ ଦକ୍ଷତା ଓ ମୂଲ୍ୟବୋଧ ଦେବା ସହିତ ସେମାନଙ୍କ ଆର୍ଥିକ ସୁରକ୍ଷା ଦିଗଟିକୁ ଧ୍ୟାନ ଦେଲେ ଏହି ଆଇନର ଶାସନ ବ୍ୟବସ୍ଥାକୁ ଦୃଢ଼ିଭୂତ କରିବା ସହିତ ନୂତନ ପିଢ଼ିଙ୍କୁ ଏହା ଆଗାମୀ ଦିଗର ଆଇନଗତ ଆହ୍ୱାନକୁ ସାମ୍ନା କରିବା ପାଇଁ ଶକ୍ତି ଯୋଗାଇବ । ମଧୁବାବୁଙ୍କ ପାଖରେ ଯେଉଁମାନେ ଓକିଲାତି ପେଷା ଶିଖିବାକୁ ଆସୁଥିଲେ ସେମାନଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ଏ ସମ୍ପର୍କରେ ତାଙ୍କର ଜଣେ ଜୁନିୟର ଚିନ୍ତାମଣି ଆଚାର୍ଯ୍ୟ ଲେଖିଛନ୍ତି ଯେ କୌଣସି ବିଷୟରେ ଗୋଟିଏ କରି ବସିଲେ ସେ ଭୀଷଣ ଗାଳି ଦେଉଥିଲେ ସତ ଆଉ ସେ ଅଜସ୍ର ଭତ୍ସନା ଶୁଣି ଆଉ କାଲି ଠାରୁ ଆସିବି ନାହିଁ ବୋଲି ପଣ ନେଉଥିବା ଜୁନିୟର ଆଇନ୍ ?ଜୀବିର ଘରେ ପର ଦିନ ସକାଳେ ମଧୁବାବୁ ପହଞ୍ଚିଥିଲେ ଓ କହୁଥିଲେ କାଲି ତତେ ଗୁଡ଼ିଏ ଗାଳି ଦେଲି ତୋର ମନରେ ଭାରି କଷ୍ଟ ହୋଇଥିବ । ମୁଁ ଯାହାକୁ ବେଶୀ ସ୍ନେହ କରେ ତା'ର ସାମାନ୍ୟ ଦୋଷ ସହି ପାରେ ନାହିଁ । ଏତିକି କଥା ଏପରି ସ୍ନେହପୂର୍ଣ୍ଣ ଭାଷାରେ କହୁଥିଲେ ଯେ ସବୁ ଦୁଃଖ, ସବୁ ରାଗ ଓ ଅଭିମାନ ଉଭେଇ ଯାଉଥିଲା । ଏମିତିକା ମଣିଷ ଥିଲେ ମଧୁବାବୁ, ଏମିତିକା ଓକିଲ ଥିଲେ ମଧୁ ବାରିଷ୍ଟର । ସ୍ୱାଭିମାନୀ ଆଇନଜୀବୀ ମଧୁବାବୁଙ୍କୁ କୌଣସି ବିଚାରପତି କିଛି ଅପମାନ ସୂଚକ ମନ୍ତବ୍ୟ ଦେଲେ ସେ ତାଙ୍କର ସ୍ୱାଭାବିକ ପ୍ରତିକ୍ରିୟା ଦେଖାଉଥିଲେ । ଥରେ ହାଇକୋର୍ଟରେ ମଧୁବାବୁ ପ୍ରତିପକ୍ଷଙ୍କ ପାଇଁ ମକଦ୍ଦମା ପରିଚାଳନା ବେଳେ ବିଚାରପତି କହିଲେ ମିଷ୍ଟର ଦାସ୍ ? ଆପଣଙ୍କ ମହକିଲ ଗୋଟିଏ ବୋକା ତା'ର ଏ ମକଦ୍ଦମା କରିବା ଉଚିତ୍ ହୋଇ ନାହିଁ । ମଧୁବାବୁଙ୍କ ଉତ୍ତର ଥିଲା ହଜୁର ଏକା ମୋ ମହକିଲ ବୋକା ନୁହେଁ । କଲେକ୍ଟର ବୋକା, କମିସନର ବୋକା, ସବ୍‌ଜଜ୍‌ବୋକା ଓ ଜିଲ୍ଲା ଜଜ୍ ବୋକା । ଓଡ଼ିଆ ରାଜ୍ୟଟା ବୋକାଙ୍କ ପାଇଁ ସ୍ୱର୍ଗ ଏଠି ଯେ ଆସନ୍ତି ସେ ବୋକା ହୋଇଯାଆନ୍ତି । ମଧୁବାବୁଙ୍କ କୋର୍ଟ କଚେରୀରେ ସ୍ପଷ୍ଟ ବାଦୀତାର ସ୍ୱର ଆଜିକାଲି ନ୍ୟାୟିକ ବ୍ୟବସ୍ଥାରେ ହ୍ରାସ ପାଉଛି । ମକଦ୍ଦମା ଜବାବ ସୁଆଲ କରିବାରେ ଅନ୍ୟ ଓକିଲଙ୍କ ଠାରୁ ତାଙ୍କ ପ୍ରଣାଳୀ ସଂପୂର୍ଣ୍ଣ ଭିନ୍ନ ଥିଲା । ତାଙ୍କର ସହକର୍ମୀମାନେ ଯେତେ ନୋଟ ଲେଖିଦିଅନ୍ତୁ ଯେତେ ଆଇନ୍‌ର ନଜିର ସଂଗ୍ରହ କରିଦିଅନ୍ତୁ ସେ ନିଜେ ତନ୍ନ ତନ୍ନ ନକରି ନଦେଖିଲେ ମକଦ୍ଦମାର ଜବାବ ସୁଆଲ କରୁ ନଥିଲେ । ଜଣେ ମୌଳିକ ଚିନ୍ତାଶୀଳ ଓକିଲ ଭାବେ ଅଦାଲତରେ କୌଣସି ନଜିର ନ ଥିଲେ ମଧ ନିଜେ ମକଦ୍ଦମାରେ ନଜିର କିଭଳି ତିଆରି ହେବ ସେ ଦିଗରେ ଯତ୍ନବାନ ଥିଲେ । ନିଜର ବ୍ୟକ୍ତିଗତ ଜୀବନକୁ ଜଳାଞ୍ଜଳୀ ଦେଇ ଜାତୀୟ ଜୀବନର ପ୍ରାଣ ପ୍ରତିଷ୍ଠାତା ମଧୁବାବୁଙ୍କ ସ୍ୱାଭିମାନ ସ୍ୱାଧୀନତା ଓ ମର୍ଯ୍ୟାଦା ଆଇନଜୀବିଙ୍କୁ କେତାଂଶରେ ପ୍ରଭାବିତ କରିଛି ତାହା ୧୭୬ ତମ ଜନ୍ମ ଜୟନ୍ତୀରେ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି ।

ଆଇନଜୀବୀ ଓଡ଼ିଶା ହାଇକୋର୍ଟ
ଦୂରଭାଷ- ୯୪୩୭୦୧୨୪୬୦




# ବିଜେଡି ଟିକେଟ କାଟିବାରୁ ବିଜେପିରେ ମିଶିଲେ ବିଧାୟିକା



**ଢେଙ୍କାନାଳ(ଏନ୍.ଏମ୍.) :** ବିଜେଡି ଟିକେଟ କାଟିଦେବାରୁ ବିଜେପିରେ ଯୋଗ ଦେଲେ ବିଧାୟିକା ସୀମାରାଣୀ ନାୟକ। ଲଗାତାର ଦୁଇ ଥର ହିନ୍ଦୋଳରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ସୀମାରାଣୀଙ୍କୁ ଏଥର ଟିକେଟ ଦେଇନି ବିଜେଡି। ତାଙ୍କ ବଦଳରେ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କୁ ହିନ୍ଦୋଳରୁ ପ୍ରାର୍ଥୀ କରିଛି ଦଳ। ଏଥିରେ କ୍ଷୁବ୍ଧ ହୋଇ ବିଜେଡି ଛାଡ଼ି ଆଜି ବିଜେପିରେ ମିଶିଛନ୍ତି ବିଧାୟିକା ସୀମାରାଣୀ ନାୟକ। ଟିକେଟ କଟିବା ପରେ ଏକ ପ୍ରକାର ଭାଙ୍ଗି ପଡ଼ିଥିଲେ ସୀମାରାଣୀ ନାୟକ। ଗଣମାଧ୍ୟମରେ ପ୍ରତିକ୍ରିୟା ରଖିବା ପରେ ତାଙ୍କ ଆଖି ଏକ ପ୍ରକାର ଛଳ ଛଳ ହୋଇଯାଇଥିଲା। ସେ କହିଥିଲେ- ମୁଁ ଦୁଇ ଦୁଇ ଥରର ବିଧାୟିକା ହୋଇ ବି ମୋ' ପାଖରେ ଟଙ୍କା ନାହିଁ। ମୁଁ ଦଳ ପାଇଁ ବହୁତ କାମ କରିଛି। ହେଲେ ଦଳ ମୋତେ ଅଣଦେଖା କଲା। କିଛି ମୁଷ୍ଟିମେୟ ଲୋକଙ୍କ ରିପୋର୍ଟ ଆଧାରରେ ମୋ' ଟିକେଟ କାଟି ଦେଇଛନ୍ତି। ମୋ' ରିପୋର୍ଟ ଭଲ ନାହିଁ ବୋଲି ଯଦି ଜାଣିଲେ ମୋତେ ଅବଗତ କରିବା କଥା। ହେଲେ ମୋତେ ଅଣଦେଖା କରି ଅନ୍ୟ ଜଣଙ୍କୁ ଟିକେଟ ଦେଲେ। ମୁଁ ଜଣେ ଅନୁସୂଚିତ ଜାତି ଓ ମଧ୍ୟବିତ ପରିବାରର ଲୋକେ। କମ୍ପାନୀ, ଖଣି, ମୁଷ୍ଟିମେୟ ଲୋକଙ୍କ ହାତରେ ପଇସା। ଯାହା ହାତରେ ପଇସା ତା' ହାତରେ କ୍ଷମତା। ହେଲେ ମୁଁ ତୃଣମୂଳ ସ୍ତରରୁ ଆସିଛି ବୋଲି କୋହଭରା କଣ୍ଠରେ କହିଥିଲେ ସୀମାରାଣୀ। ସୂଚନାଯୋଗ୍ୟ, ୨୦୧୪ ଓ ୨୦୧୯ ନିର୍ବାଚନରେ ସୀମାରାଣୀ ନାୟକ ହିନ୍ଦୋଳରୁ ବିଜେଡି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

# ବାରବାଟୀ-କଟକରେ କଂଗ୍ରେସରୁ ମୋକିମଙ୍କ ଝିଅ ଫିର୍ଦ୍ଦୋସ ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା : ଉତ୍ସାହିତ କର୍ମୀ





**କଟକ(ଏନ୍.ଏମ୍.) :** କଟକ ସହରରେ ଭୋଟରଙ୍କ ମଉଳିଯିବା ଆଶା ପୁଣି ଥରେ ଉଦ୍‌ଯିବିତ ହୋଇଛି। ବାରବାଟୀ-କଟକ ନିର୍ବାଚନ ସମୟରେ ଇଂ. ମହମ୍ମଦ ମୋକିମ ନିର୍ବାଚନ ଲଢ଼ିନପାରିବା ଆଶଙ୍କା ଯୋଗୁଁ ସମର୍ଥକଙ୍କ ମଧ୍ୟରେ ଯେଉଁ ନିରାଶା ଭାବ ସୃଷ୍ଟି ହୋଇଥିଲା। ଆଜି ତାହା ଅପସରି ଯାଇଛି। ବାରବାଟୀ-କଟକରେ କଂଗ୍ରେସର ବିଧାୟକ ମହମ୍ମଦ ମୋକିମଙ୍କ ଝିଅ ନିର୍ବାଚନ ଲଢ଼ିବା ବିଷୟରେ ଶୁଣିବା ପରେ ମୋକିମଙ୍କ ସମର୍ଥକମାନେ ବେଶ ଉତ୍ସାହିତ ହୋଇ ପଡ଼ିଛନ୍ତି। ପୁନଶ୍ଚ ଇଂ. ମହମ୍ମଦ ମୋକିମଙ୍କ ନିର୍ବାଚନ ଲଢ଼ିବା ଆଶା ମଉଳି ଯିବା ପରେ ତାଙ୍କ ଝିଅଙ୍କୁ ନେଇ ଆରମ୍ଭ ହୋଇଛି ଅଙ୍କକଷା। ବିଧାୟକ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦ୍ଦୋସ ଏଥର ନିର୍ବାଚନରେ ମଇଦାନକୁ ଓହ୍ଲାଇ ପାରନ୍ତି ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି। ଏନେଇ ମୋକିମଙ୍କ ଘରେ ସମର୍ଥକଙ୍କୁ ନେଇ ଆରମ୍ଭ ହୋଇ ଯାଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ। ମୋକିମଙ୍କ ଜାଗାରେ ଝିଅ ସୋଫିଆଙ୍କୁ ପ୍ରାର୍ଥୀ କରିବାକୁ କର୍ମୀମାନେ ସହମତି ପ୍ରକାଶ କରିଛନ୍ତି। ଏନେଇ ହାଇକମାଣ୍ଡଙ୍କୁ ଜଣାଇବାକୁ ବୈଠକରେ ସହମତି ପ୍ରକାଶ ପାଇଛି। ମହମ୍ମଦ ମୋକିମ କହିଛନ୍ତି, ଲୋକଙ୍କ ସେବା କରିବାକୁ ରାଜନୀତିକୁ ଆସିଛୁ। ୨୪ ବର୍ଷ ତଳର ପୁରୁଣା କେସରେ ରାଜ୍ୟ ସରକାର ବ୍ୟଗ୍ରତା ଦେଖାଇଲେ। ମାତ୍ର ସୁପ୍ରିମକୋର୍ଟ ଦଣ୍ଡାଦେଶ ଉପରେ ରହିତାଦେଶ ଲଗାଇବା ସହ ଜାମିନ ପ୍ରଦାନ କରି ସାରିଛନ୍ତି। ମାତ୍ର ଯେଉଁ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲି ସେଥିରେ ରୋକ ଲାଗି ନଥିବାରୁ ନିର୍ବାଚନ ଲଢ଼ି ପାରିବିନି। ତେଣୁ ଏବେ କିଏ ମଇଦାନକୁ ଓହ୍ଲାଇବ ସେଥିପାଇଁ କାହା ନାମ ଫାଇନାଲ୍ ହୋଇନି। କର୍ମୀମାନେ ଝିଅ ନାଁ ଉଠାଉଥିବା ବେଳେ ସେମାନଙ୍କ ପୂର୍ଣ୍ଣ ସମର୍ଥନ ବି ରହିଛି। ଏନେଇ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରାଯିବା ପରେ ଝିଅ ସହ ବି ଆଲୋଚନା ହେବ। ତା' ପରେ ଆମେ ଏନେଇ ପିସିସିକୁ ଜଣାଇବୁ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ତେବେ ଏନେଇ କଂଗ୍ରେସ କର୍ମୀମାନେ କହିଛନ୍ତି ଯେ, ସୋଫିଆ କଂଗ୍ରେସ ପାଇଁ ନୂଆ ନୁହନ୍ତି। ୨୦୧୪ ନିର୍ବାଚନରେ ସେ ଲୋକଙ୍କ ପାଖକୁ ଯାଇଥିଲେ। ୨୦୧୯ରେ ବି ସେ ଘରକୁ ଘର ବୁଲିଛନ୍ତି। ଉଭୟ ନିର୍ବାଚନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ରାଜନୈତିକ ଅଭିଜ୍ଞତା ଅଛି। କଟକର ସବୁ କଂଗ୍ରେସ କର୍ମୀ ତାଙ୍କ ସହ ଅଛନ୍ତି। ତେଣୁ ସେ ନିର୍ବାଚନ ଲଢ଼ିଲେ ଖୁବ୍ ସହଜରେ ବିଜୟ ଲାଭ କରିବେ। ଯେହେତୁ ମୋକିମ ନିର୍ବାଚନ ଲଢ଼ି ପାରିବେନି ତେଣୁ ସୋଫିଆ ନିର୍ବାଚନ ଲଢ଼ନ୍ତୁ ବୋଲି ଆମେ ଆନ୍ତରିକତା ପ୍ରକାଶ କରୁଛୁ। ତେବେ ଏନେଇ ସୋଫିଆଙ୍କ ମତାମତ ମିଳି ପାରିନି। ଓଆରଏଚଡିସି ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବାରୁ ନିର୍ବାଚନ ଲଢିପାରିବେନି ମୋକିମ୍। ତଳକୋର୍ଟଙ୍କ ଆଦେଶ ଉପରେ ରହିତାଦେଶ ଦେବାକୁ ମନା ସୁପ୍ରିମକୋର୍ଟ ମନା କରିଛନ୍ତି।

# ଦୁର୍ନୀତିରେ ମାତିଥିଲେ ପ୍ରଧାନଶିକ୍ଷକ, ନିଲମ୍ବିତ ହେଲେ




**ବାରିପଦା(ଏନ୍.ଏମ୍.) :** ପାଠ ପଢ଼ାଇବା ବଦଳରେ ଦୁର୍ନୀତିରେ ମାତିଥିଲେ ପ୍ରଧାନଶିକ୍ଷକ। ପିଲାଙ୍କୁ ନୈତିକତା ଶିଖାଇବା ବଦଳରେ ନିଜେ ନୈତିକତା ଭୁଲିଗଲେ। ସବୁବେଳେ ଅନ୍ୟ ଅର୍ଥ ହଡ଼ପ କରିବାକୁ ଲାଗିଲେ। ଆଉ ଶେଷରେ ନିଲମ୍ବିତ ହେଲେ। ଏପରି ଜଣେ ପ୍ରଧାନଶିକ୍ଷକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ ଅନ୍ତର୍ଗତ ସାନନଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନାରାମ ମାରାଣ୍ଡି ।ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ସାନନଇ ଉଚ୍ଚ ବିଦ୍ୟାଳୟରେ ସଫେଇ କାମଠୁ ରାତ୍ର ଜଗୁଆଳି କାମ କରୁଥିଲେ । ଏଥିନିମନ୍ତେ ସେମାନେ ସରକାରଙ୍କଠୁ ମାସିକ ପ୍ରାପ୍ୟ ପାଉଥିଲେ। ମାତ୍ର ଅଭିଯୁକ୍ତ ପ୍ରଧାନଶିକ୍ଷକ ଡରାଇ, ଧମକାଇ ସେମାନଙ୍କ ମାସିକ ଦରମା ନିଜେ ଚଳୁ କରି ନେଉଥିଲେ। କେବଳ ସେତିକି ନୁହେଁ, ସେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଟଙ୍କା, ସ୍କୁଲ ୟୁନିଫର୍ମ ଟଙ୍କା, ଷ୍ଟାଇପେଣ୍ଡ୍ ଟଙ୍କା, ସାଇକେଲ ଅନୁଦାନ ଟଙ୍କା ମଧ ହଡ଼ପ କରିନେଇଥିବା ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତ୍ତି କରି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୁନାରାମ ମାରାଣ୍ଡିଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସୂଚନା ଥାଉ କି, ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ନିଜର ପ୍ରାପ୍ୟ ପାଇବା ପାଇଁ ସ୍କୁଲ ଗେଟରେ ତାଲା ପକାଇ ଗତ ଦୁଇ ଦିନ ହେବ ଆନ୍ଦୋଳନ କରୁଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆଜି ସୁନାରାମଙ୍କୁ ନିଲମ୍ବନ କରାଯିବା ସହ ସହିତ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଛି।

# ପୁରୀ ରେଳଷ୍ଟେସନରେ ନବନିର୍ମିତ ଛାତ ଭୁଶୁଡ଼ିଲା, ୩ ଶ୍ରମିକ ଆହତ



**ପୁରୀ(ଏନ୍.ଏମ୍.) :** ସରକାର ପୁରୀ ରେଳଷ୍ଟେସନକୁ ବିଶ୍ୱସ୍ତରୀୟ କରିବା ପାଇଁ ଯୋଜନା ରଖିଥିବାବେଳେ ଏବେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଷ୍ଟେସନକୁ ସଂପ୍ରସାରଣ କରିବା ସହ ନିର୍ମାଣ କାର୍ଯ୍ୟ ମଧ ଜାରି ରହିଛି। ହେଲେ ଆଜି ଏକ ବଡ଼ଧରଣର ଅଘଟଣା ଘଟିଥିବା ଦେଖିବାକୁ ମିଳିଛି। ପୁରୀ ରେଳଷ୍ଟେସନରେ ନବନିର୍ମିତ ଛାତ ଭୁଶୁଡ଼ିବା ଫଳରେ କାମ କରୁଥିବା ୩ ଜଣ ଶ୍ରମିକ ଆହତ ହୋଇଛନ୍ତି। ନୂଆ ଛାତ ପଡୁଥିବା ବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ପୁରୀ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଆଉ କିଛି ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସାମିଲ ହୋଇଛନ୍ତି ଅଗ୍ନିଶମ ବାହିନୀ। ତେବେ ଷ୍ଟେସରର କିଛି ଅଂଶରେ ଛାତ ପଡୁଥିବା ବେଳେ ଭୁଶୁଡ଼ି ପଡ଼ିଥିଲା।

# ଗୁଗଲରେ ଚାକିରି ଖୋଜୁ ଖୋଜୁ ଆକାଉଣ୍ଟରୁ ୬୦ ହଜାର ଗାଏବ



**ବାଲେଶ୍ୱର(ଏନ୍.ଏମ୍.) :** ଗୁଗଲରେ ପାର୍ଟ ଟାଇମ୍ ଚାକିରି ଖୋଜିବା ମହଙ୍ଗା ପଡ଼ିଲା। ଭଲ ଦରମା ଆଶାରେ ବିଭିନ୍ନ ଲିଙ୍କରେ କ୍ଲିକ୍ କରୁ କରୁ ସାଇବର ଠକଙ୍କ ହାବୁଡ଼ରେ ପଡ଼ିଗଲେ ଯୁବକ। ଆଉ ଆକାଉଣ୍ଟରୁ ଥରକୁ ଥର କରି କଟିଗଲା ୬୦ ହଜାର ଟଙ୍କା। ଏପରି ଏକ ଘଟଣା ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ଅଇଁରୀ ଗାଁରେ ହୋଇଛି। ଠକାମୀର ଶିକାର ହୋଇଥିବା ଯୁବକଜଣକ ହେଲେ ସମରବିଜୟ ବାରିକ। ସମର ବିଜୟ ଜଣେ ଫାର୍ମାସି ଛାତ୍ର ହୋଇଥିବା ବେଳେ ଗୁଗଲରେ ପାର୍ଟଟାଇମ ଚାକିରି ଖୋଜୁଥିଲେ। ଏହା ମଧ୍ୟରେ ସେ ଜଣେ ସାଇବର ଠକ ହାବୁଡ଼ରେ ପଡିଥିଲେ। ତାଙ୍କୁ ଚାକିରି ଆବେଦନ କରିବାକୁ ଅନଲାଇନରେ ନାମ ରେଜିଷ୍ଟ୍ରେସନ କରାଇବାକୁ ଏକ ଶହ ଟଙ୍କା ପେମେଣ୍ଟ କରିବାକୁ କୁହାଗଲା। ପରେ ଦ୍ୱିତୀୟ ପର୍ଯ୍ୟାୟରେ କିଛି ଟଙ୍କା କଟିବା ପରେ ପୁଣି ସମରଙ୍କ ଆକାଉଣ୍ଟକୁ କିଛି ଟଙ୍କା ଆସିଥିଲା। ଏହାର କିଛି ସମୟ ମଧ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି ହୋଇଯାଇଥିଲା। ଆଉ ତାଙ୍କ ଆକାଉଣ୍ଟରୁ ୬୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଗାଏବ ହୋଇଯାଇଥିଲା। ଏତିକିରେ ମନ ସନ୍ତୁଷ୍ଟ ନହେବାରୁ ସାଇବର ଠକଜଣକ ଅଧିକ ଟଙ୍କାର ପ୍ରଲୋଭନ ଦେଖାଇ ସମର ବିଜୟଙ୍କ ନିକଟକୁ ଏକ ନକଲି ବ୍ୟାଙ୍କ ନୋଟିସ ପଠାଇଛି। ଯେଉଁଥିରେ ୧୦% ଟ୍ୟାକ୍ସ ଟଙ୍କା ଡିପୋଜିଟ କଲେ ତାଙ୍କୁ ୪ଲକ୍ଷ ୦୭ ହଜାର ୫୬୯ ଟଙ୍କା ମିଳିବ ବୋଲି ଉଲ୍ଲେଖ ଅଛି। ଠକାମୀର ଶିକାର ହୋଇଥିବା ଜାଣିବା ପରେ ସମର ବିଜୟ ଏନେଇ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରୁପସା ଥାନା ଅଞ୍ଚଳର ଜଣେ ଯୁବକ ଏହି ଟଙ୍କା ଫେରାଇ ଆଣିବେ ବୋଲି ସମରବିଜୟଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଏହାପରେ ସେ ବି ତାଙ୍କଠାରୁ ୧୫ ହଜାର ଲୁଟି ନେଇଛନ୍ତି। ଇତି ମଧ୍ୟରେ ସମୁଦାୟ ସମରବିଜୟଙ୍କ ଆକାଉଣ୍ଟରୁ ୭୫ହଜାର ଟଙ୍କା ଗାଏବ ହୋଇ ଯାଇଥିବା ବେଳେ ସେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ପ୍ରତିଶ୍ରୁତିରୁ ପ୍ରତାରଣା ପାଇବାପରେ ଏବେ ତାତିଲେ ଅଞ୍ଚଳବାସୀ

# ନେତାଙ୍କୁ ଗାଁରେ ପୂରାଇ ଦେବୁନୁ, ଏଥର ଭୋଟ୍ ଦେବୁନୁ ...



**ଦିଗପହଣ୍ଡି (ଏନ୍.ଏମ୍.) :** ବର୍ଷ ବର୍ଷ ଧରି ଜନସାଧାରଣଙ୍କୁ ମିଳି ପାରୁନାହିଁ ମୌଳିକ ସୁବିଧା। ଦେଶ ସ୍ୱାଧୀନତା ପ୍ରାପ୍ତି ପରେ ନୂତନ ପ୍ରଦେଶ ଗଠନ ଆଉ ଦେଶରେ ହେଉ ବା ରାଜ୍ୟରେ ଅନେକ ସରକାର ଆସି ରାଜୁତି କରିଛନ୍ତି। ହେଲେ ଦେଶର କିଛି ଜନସାଧାରଣଙ୍କ ଅବସ୍ଥା ଯେଉଁ ତିମିରେକୁ ସେଇ ତିମିରେ। କ୍ୟାଲେଣ୍ଡରରେ କିଛି ସଂଖ୍ୟା ବଦଳି ଯାଇଛି ସିନା ହେଲେ ଆଜି ପର୍ଯ୍ୟନ୍ତ ବଦଳି ପାରିନି ଲୋକମାନଙ୍କ ଜୀବନ ଶୈଳୀ। ବିଭିନ୍ନ ସମୟରେ ନିର୍ବାଚନ ଆସିବାରୁ ନେତାମାନଙ୍କ ପ୍ରତିଶ୍ରୁତିକୁ ପାଥେୟ କରି ଲୋକ ପ୍ରତିନିଧି ବାଛି ଥାନ୍ତି; ହେଲେ ଭୋଟରେ ବିଜୟ ଲାଭ କରିବା ପରେ ଏହି ଲୋକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଯାଏ। ବାରମ୍ବାର ପ୍ରତାରିତ ଅଞ୍ଚଳବାସୀ ଏବେ ଉଚିତ ଜବାବ ଦେବାକୁ ଚାହିଁ ବସିଛନ୍ତି। ଆଉ ଚେତାବନୀ ଶୁଣାଇଛନ୍ତି ଗାଁର ମହିଳା। ଭୋଟ୍ ମାଗିବା ପାଇଁ ନେତା ଆସିଲେ ଗାଁ ଭିତରକୁ ପୂରାଇ ଦେବୁନୁ। ଯଦି ଜବରଦସ୍ତି ନେତାମାନେ ଗାଁରେ ପଶନ୍ତି, ତାହାହେଲେ ପୋଖରୀ ପାଣି ପିଆଇ ଛାଡ଼ିବୁ। ଗାଁରେ ପାନୀୟ ଜଳ ସମସ୍ୟା ସମାଧାନ ନହେଲେ ଏଥର ଭୋଟ୍ ଦେବୁନୁ। ଏପରି ଚେତାବନୀ ଦେଇଛନ୍ତି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ପ୍ରତାପଗିରି ଗାଁର ମହିଳା। ପ୍ରତାପଗିରି ଗାଁରେ ୨୦୦ରୁ ଅଧିକ ପରିବାର କେଉଁ କାଳରୁ ବସବାସ କରନ୍ତି। ସମସ୍ତେ ପ୍ରାୟତଃ ଚାଷବାସ କରି ପରିବାର ଭରଣପୋଷଣ କରନ୍ତି। ଗାଁର ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ। ଶୋଷ ମେଣ୍ଟାଇବା ପାଇଁ ଗାଁରେ ଗୋଟିଏ ନଳକୂପ ଥିଲା। ସେଥିରୁ ଠିକରେ ପାଣି ବାହାରୁନି। ଯାହା ପାଣି ବାହାରୁଛି, ସେଥିରେ ଶୋଷ ମେଣ୍ଟାଇବା କଷ୍ଟକର। ତଥାପି ସେହି ନଳକୂପ ପାଖରେ ରାତି ପାହିଲେ ପ୍ରବଳ ଭିଡ ଲାଗୁଛି। ପାଣି ପାଇଁ ଅନେକ ସମୟରେ ଗାଁ ମହିଳାଙ୍କ ମଧ୍ୟରେ ଠେଲାପେଲା ହେଉଥିବା ଦେଖିବାକୁ ମିଳିଛି। ପାନୀୟ ଜଳ ସମସ୍ୟା ନେଇ ଗାଁ ଲୋକେ ପ୍ରଶାସନ ପାଖରେ ଗୁହାରୀ କରିଥିଲେ। ବାବୁ ଗୁହାରୀ ଶୁଣିଲେ ଓ ବସୁଧା ଯୋଜନାରେ ଗାଁରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କଲେ। ଓଭରହେଡ୍ ଟାଙ୍କି ଓ ଘରକୁ ଘରକୁ ବିଛା ଗଲା ପାଇପ୍। ଗାଁର ଛକ ଛକରେ ଛିଡ଼ା ହେଲା ଷ୍ଟାଣ୍ଡ ପୋଷ୍ଟ। ଗାଁ ଲୋକେ ଭାବିଲେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେଲା। ହେଲେ ଗାଁ ଲୋକଙ୍କ ଏହି ଆଶା କେବଳ ଆଶାରେ ରହିଗଲା। ପାଇପରେ ପାଣି ଆସିଲା ନାହିଁ। ପାଣି ଟୋପାଏ ପାଇବା ପାଇଁ ଅଞ୍ଚଳବାସୀ ଯେଉଁ ଆଶା ରଖିଥିଲେ ତାହା ମରିଚିକାରେ ପରିଣତ ହେଲା। ଆଜି ପର୍ଯ୍ୟନ୍ତ ଲୋକେ ପାଣି ମୁନ୍ଦାଏ ପାଇଲେ ନାହିଁ। ଯାହାଫଳରେ ଲୋକଙ୍କୁ ଗାଁ ମୁଣ୍ଡରେ ଥିବା ପୋଖରୀ ଉପରେ ନିର୍ଭର କରିବାକୁ ପଡୁଛି। ସେହି ପାଣିରେ ଗାଧୋଉଛନ୍ତି ଓ ସେହି ପାଣିକୁ ପିଉଛନ୍ତି। ଯେଉଁଥିପାଇଁ ଅନେକ ସମୟରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିବା ଗାଁ ଲୋକେ କହିଛନ୍ତି। ପାଣି ସମସ୍ୟା ନେଇ ଗାଁ ଲୋକେ ବହୁବାର ପଞ୍ଚାୟତର ୱାର୍ଡ ମେମ୍ବରଙ୍କ ଠାରୁ ଆରମ୍ଭ କରି ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ, ବିଡିଓ, ଯନ୍ତ୍ରୀ ଓ ସ୍ଥାନୀୟ ନେତାଙ୍କ ପାଖରେ କେତେଥର ଅଭିଯୋଗ କଲେଣି। ହେଲେ କେହି ଶୁଣୁନାହାନ୍ତି। ଏବେ ଆସୁଛି ଭୋଟ। ତେଣୁ ନେତାମାନେ ଆସିବେ ଓ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେବେ। ସେତେବେଳେ ଆମେ ସେମାନଙ୍କୁ ଉଚିତ ଜବାବ ଦେବୁ ବୋଲି ଗାଁ ଲୋକେ କହିଛନ୍ତି।

# ଚାକିରି ଲୋଭ ଦେଖାଇ ୨ କୋଟି ଚଳୁ କରି ଗିରଫ ହେଲା ମହାଧୂର୍ତ୍ତ



**ବାଲେଶ୍ୱର(ଏନ୍.ଏମ୍.) :** ଆଜିର ଶିକ୍ଷିତ ସମାଜରେ ଏଭଳି ଲୋକେ ଠକାମୀରେ ପଡ଼ନ୍ତି; ଆଉ ମିଠା କଥା କହି ଆକାଶ ବୁଲା ପ୍ରତିଶ୍ରୁତି ଦେଇ ଲୋକେ ଠକି ପାରନ୍ତି। ଏଭଳି ଜଣେ ମହାଧୂର୍ତ୍ତଙ୍କୁ ବାଲେଶ୍ୱର ସୋର ଥାନା ପୁଲିସ ଗିରଫ କରିବା ପରେ ତା'ର କାଣ୍ଡ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। କାହାକୁ ଚାକିରିର ପ୍ରଲୋଭନ ତ ଆଉ କାହାକୁ ମଦ ବାର, ଗ୍ୟାସ୍ ଡିଲରସିପ୍, ଛତୁଆ ଏଜେନ୍ସି, ପେଟ୍ରୋଲ ପମ୍ପ କରାଇ ଦେବାର ପ୍ରତିଶ୍ରୁତି। ଗତ ୫ ବର୍ଷ ଧରି ଏପରି ପ୍ରତିଶ୍ରୁତି ଦେଇ ବ୍ୟକ୍ତିଜଣକ ଲୁଟି ସାରିଲେଣି ୨ କୋଟି ଉର୍ଦ୍ଧ୍ୱ ଟଙ୍କା। ଏପରି ମହାଠକଙ୍କ ଶିକ୍ଷାଗତ ଯୋଗ୍ୟତା ମାତ୍ର ପଞ୍ଚମ ହୋଇଥିବା ବେଳେ କଥା କିନ୍ତୁ ଆକାଶଛୁଆଁ। କେତେବେଳେ ଚିଫ୍ ସେକ୍ରେଟାରୀ ତ କେତେବେଳେ ଡିଜି ବି ଚିହ୍ନା ପରିଚୟ ଥିବା କହିବାକୁ ପଛାଇ ନାହାନ୍ତି। ପାଠ ନ ପଢ଼ି ବି ଲୋକଙ୍କୁ ହାଇକୋର୍ଟର ଫେକ୍ ଅର୍ଡର ଦେଖାଇ ଭୂଆଁ ବୁଲାଇବାକୁ ପଛାଇ ନାହାନ୍ତି। ମାତ୍ର ଏପରି କରି ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଭୂଆଁ ବୁଲାଇ ସାରିଥିବା ଏପରି ମହା ଧୂର୍ତ୍ତଙ୍କୁ ଶେଷରେ ବାନ୍ଧିଛି ପୁଲିସ୍ ।ଏପରି ଏକ ଘଟଣା ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳରେ ଘଟିଛି। ଗିରଫ ହୋଇଥିବା ମହା ଠକଜଣକ ମାଣତ୍ରୀ ଗାଁର ରମେଶ ଚନ୍ଦ୍ର ପାଢ଼ୀ ବୋଲି ଜଣାପଡ଼ିଛି। ରମେଶଙ୍କ ନାଁରେ ସୋର ଓ କେନ୍ଦୁଝର ଟାଉନ୍ ଥାନାରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିବା ବେଳେ ତାଙ୍କ ମିଥ୍ୟା ପ୍ରତିଶ୍ରୁତି ଜାଲରେ ସେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଜଣଙ୍କୁ ଫସାଇ ସାରିଥିବା ଜଣାଯାଇଛି। ସୋର ପୁଲିସ ରମେଶଙ୍କୁ ପଚରାଉଚରା କରିବା ପରେ ସେ ପାଖାପାଖି ୨ କୋଟି ୬ଲକ୍ଷ ଟଙ୍କା ଠକି ନେଇଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ, ୨୦୧୯ ମସିହାରେ ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମର ସଞ୍ଜୟ କୁମାର ପଣ୍ଡା ଓ ତାଙ୍କର ୨୨ ଜଣ ସାଥୀଙ୍କୁ ବ୍ୟାଙ୍କରେ ଚାକିରି କରାଇଦେବାର ଆଳ ଦେଖାଇ ପ୍ରତ୍ୟେକଙ୍କ ଠାରୁ ୩ ଲକ୍ଷ ଲେଖାଏଁ ଟଙ୍କା ନେଇଥିଲେ। କିଛିଦିନ ପରେ ଚାକିରି ମିଳିବାର କୌଣସି ସୂଚନା ନମିଳିବାରୁ ଶ୍ରୀ ପଣ୍ଡା ଓ ତାଙ୍କର ସାଥୀମାନେ ରମେଶଙ୍କୁ ଧରିବାରୁ ସେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ପରେ ଏ ବାବଦରେ କୌଣସି ବିଜ୍ଞାପନ ଆସିନଥିବା ବ୍ୟାଙ୍କ ପକ୍ଷରୁ ସୂଚନା ପାଇବା ପରେ ଶ୍ରୀ ପଣ୍ଡାଙ୍କ ସମେତ ଅନ୍ୟ ସାଥୀମାନେ ଠକେଇର ଶିକାର ହୋଇଥିବା ଜାଣିପାରି ସୋର ଥାନାରେ ଏତଲା ଦେଇଥିଲେ। ସେହିଭଳି ଭାବେ ସୋର ଅଞ୍ଚଳର ଶୁଶାନ୍ତ କୁମାର ଦାସଙ୍କ ଠାରୁ ୨୦୧୫ ମସିହାରେ କିରୋସିନ ଡିଲରସିପ କରାଇଦେବାର ଆଳ ଦେଖାଇ ୫୮ ଲକ୍ଷ ଟଙ୍କା ଠକିଥିବା ଶ୍ରୀ ଦାସ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଏହିପରି ଭାବେ ସେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଜଣଙ୍କଠାରୁ ଚାକିରି କରାଇ ଦେବାକୁ କହି ଟଙ୍କା ଲୁଟିଛନ୍ତି। ମାତ୍ର ଦୀର୍ଘ ଦିନ ପର୍ଯ୍ୟନ୍ତ ଚାକିରି ନ ହେବାରୁ ଧୂର୍ତ୍ତ ରମେଶ ଉକ୍ତ ଯୁବକମାନଙ୍କୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ନେଇଥିଲେ। ଏହାପରେ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ଏହାପରେ ବି ଚାକିରି ନ ହେବାରୁ ଯୁବକମାନେ ଟଙ୍କା ଫେରାଇ ଦେବାକୁ କହିଥିଲେ। ଏହାପରେ ରମେଶ କିଛି ଯୁବକଙ୍କୁ କିଛି କିଛି ଟଙ୍କା ଫେରାଇଥିବା ବେଳେ ଅଉ କାହାକୁ ଧରା ଛୁଆଁ ଦେଇ ନ ଥିଲେ। କେବଳ ଚାକିରି ନୁହେଁ କାହାକୁ ପେଟ୍ରୋଲ ପମ୍ପ, କିରୋସିନ ଡିଲରସିପ୍, ଗ୍ୟାସ ଡିଲର, ଛତୁଆ ଏଜେନ୍ସି, ମଦ କାଉଣ୍ଟର ଓ ଜମି ଦେବାକୁ କହି ବି ଟଙ୍କା ଆଦାୟ କରିଥିଲେ ରମେଶ ପାଢ଼ୀ। କେତେବେଳେ ନିଜକୁ ମୁଖ୍ୟ ଶାସନ ସଚିବଙ୍କ ସମ୍ପର୍କୀୟ ତ ପୁଣି କେତେବେଳେ ଜିଲ୍ଲାପାଳଙ୍କ ପାଖ ଲୋକ କହି ଫେକ୍ ଚିଠି ବି ଦେଖାଉଥିଲା। ହାଇକୋର୍ଟର ଫେକ୍ ଅର୍ଡର ଦେଖାଇ ବି ସେ ଲୋକଙ୍କ ବିଶ୍ୱାସଭାଜନ ହେଉଥିଲେ। ପରେ ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ରମେଶଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଗତକାଲି ବିଳମ୍ବିତ ରାତିରେ ପୁଲିସ ତାଙ୍କୁ ଭଦ୍ରକ ଅଂଚଳରୁ ଗିରଫ କରି ଆଜି ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ରମେଶଙ୍କ ନାମରେ ସୋର ଥାନାରେ ୯ଟି ଓ କେଉଁଝର ଟାଉନ ଥାନାରେ ଗୋଟିଏ ଠକେଇ ମାମଲା ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସେହିପରି ୨୦୧୨ ମସିହାରେ ମଧ ରେମୁଣା ବିଧାୟକ ସୁଦର୍ଶନ ଜେନାଙ୍କ ଲେଟରପେଡ ବ୍ୟବହାର କରି ଚାକିରି କରାଇଦେବା ନାଁରେ ଠକେଇ କରିଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ତାଙ୍କୁ ରିମାଇଣ୍ଡରରେ ଆଣି ଅଧିକ ତଦନ୍ତ ଆରମ୍ଭ କରିବ ବୋଲି ଏସଡିପିଓ ଡ. ଶଶାଙ୍କ ଶେଖର ବେଉରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।




# କେନ୍ଦୁଝରର ଲୋକସଭା ଆସନରେ ତ୍ରିମୁଖୀ ଲଢ଼େଇ







**କେନ୍ଦୁଝର (ଏନ୍.ଏମ୍.) :** କେନ୍ଦୁଝର ଲୋକସଭା ପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଟିକେଟ ପାଇବା ପରେ ଭୋଟରଙ୍କୁ ନିଜପକ୍ଷକୁ ନେବା ପାଇଁ ବିଭିନ୍ନ ଶୈଳୀରେ ପ୍ରାର୍ଥୀମାନେ ପ୍ରଚାର ଚଳାଇଛନ୍ତି। ଏଥର କେନ୍ଦୁଝର ଲୋକସଭା ଆସନରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନେ ?ତିକ ମହଲରେ ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ ବିଜେଡିର ଚନ୍ଦ୍ରାଣୀ ମୁର୍ମୁ ୫ ଲକ୍ଷ ୨୬ ହଜାର ୩୫୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ବିଜେପି ପ୍ରାର୍ଥୀ ଅନନ୍ତ ନାଏକ ୪ଲକ୍ଷ ୬୦ ହଜାର ୧୫୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମୋହନ ହେମ୍ବ୍ରମ ୧ ଲକ୍ଷ ୨୮ ହଜାର ୭୧୬ ଖଣ୍ଡ ଭୋଟ ପାଇଁ ତୃତୀୟ ସ୍ଥାନରେ ରହିଥିଲେ। ଏଥର ବିଜେଡି ଏଠାରେ ଧନୁର୍ଜୟ ସିଦୁଙ୍କୁ ପ୍ରାର୍ଥୀ କରିଛି। ସେ ଦଳର ବିଧାୟକ ପ୍ରାର୍ଥୀମାନଙ୍କ ସହ ମିଶି ସମସ୍ତ ନିର୍ବାଚନମଣ୍ଡଳୀରେ ପ୍ରଚାର ଜାରି ରଖିଛନ୍ତି। ଦୁଇଦିନ ତଳେ ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼ଙ୍କ ସହିତ ମିଶି ରିମୁଳିରୁ ଚମ୍ପୁଆ ପର୍ଯ୍ୟନ୍ତ ଶୋଭଯାତ୍ରାରେ ଯାଇଥିଲେ। ପାଟଣାରେ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କ ସହ ମିଶି ମା' କବଚ ସମାବେଶରେ ଯୋଗଦେଇ ଭୋଟ ମାଗିଥିଲେ। ସେହିପରି ତେଲକୋଇରୁ ପ୍ରାର୍ଥୀ ହୋଇଥିବା ମାଧବ ସର୍ଦ୍ଦାରଙ୍କ ସହିତ ମିଶି ହରିଚନ୍ଦନପୁର, ତେଲକୋଇ ଓ ବଂଶପାଳରେ ଆଶୀର୍ବାଦ ଭିକ୍ଷା ସମାବେଶରେ ଯୋଗଦେଇଥିଲେ। ସେମିତି ଆଜି କରଞ୍ଜିଆରେ ବିଜେଡି ପ୍ରାର୍ଥୀଙ୍କ ସହିତ ଏକ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ପ୍ରଚାର ବେଳେ ବିଜେପିର ସାଂସଦ ପ୍ରାର୍ଥୀ ଅନନ୍ତ ନାଏକ ସମସ୍ୟାରେ ପଡ଼ିଛନ୍ତି। ଦଳ ଏଯାଏ ତେଲକୋଇ, ଘସିପୁରା ଓ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କରିନଥିବାରୁ ଏସବୁ ସ୍ଥାନରେ ସେ ଏକାକୀ ପ୍ରଚାର କରିପାରୁ ନାହାନ୍ତି। ଅନ୍ୟ ତିନିଟି ନିର୍ବାଚନମଣ୍ଡଳୀରେ ଅନନ୍ତ ବିଧାୟକ ପ୍ରାର୍ଥୀଙ୍କ ସହ ମିଶି ସଭାସମିତି ଓ ଶୋଭାଯାତ୍ରା କରି ଭୋଟ ମାଗୁଥିବା ଦେଖିବାକୁ ମିଳିଛି। ଗତକାଲି ସେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଏକ ବାଇକ୍ ଶୋଭାଯାତ୍ରା କରିଥିବା ବେଳେ ପୂର୍ବରୁ କେନ୍ଦୁଝର ନିର୍ବାଚନମଣ୍ଡଳୀରେ ମୋହନ ମାଝୀଙ୍କ ସହ ମିଶି ପ୍ରଚାର ଚଳାଇଥିଲେ। ସେହିପରି କଂଗ୍ରେସ ଏଠାରେ ପ୍ରଥମେ ମୋହନ ହେମ୍ବ୍ରମଙ୍କୁ ସାଂସଦ ପ୍ରାର୍ଥୀ ଘୋଷଣା କରିବା ପରେ ଦଳର ସମସ୍ତ କର୍ମକର୍ତ୍ତା ସମୂହ ଇସ୍ତଫା ଦେଇଥିଲେ। କିଛିଦିନ ପରେ ଦଳ ଏଠାରେ ପ୍ରାର୍ଥୀ ବଦଳାଇଥିଲା ଏବଂ ଇଂ. ବିନୋଦ ବିହାରୀ ନାଏକଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ମଙ୍ଗଳବାର କଂଗ୍ରେସର ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ଘଟଗାଁ ମା' ତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି। ତିନି ପ୍ରମୁଖ ଦଳର ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇଥିବାରୁ ଏଥର କେନ୍ଦୁଝରରେ ତ୍ରିମୁଖୀ ଲଢ଼େଇ ହେବ ବୋଲି କୁହାଯାଉଛି।

## ମହିଳାଙ୍କ ହାତରେ ଠେଙ୍ଗା



**ମାହାଙ୍ଗା (ଏନ୍.ଏମ୍.) :** 'ଗାଁ ରାସ୍ତା ଅବସ୍ଥା ଶୋଚନୀୟ। ପାଣି ଓ ଆଲୋକ ସମସ୍ୟାର ବି' ସମାଧାନ କରାଯାଉ ନାହିଁ। ବର୍ଷବର୍ଷ ଧରି ପ୍ରଶାସନକୁ ଗୁହାରି କରି ନୟାନ୍ତ ହେଲୁଣି। ଆଉ ନିର୍ବାଚନରେ ଭୋଟ ଦେବୁନି।' ହାତରେ ଠେଙ୍ଗାଧରି ଏହିଭଳି ଚେତାବନୀ ଦେଇଛନ୍ତି କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ ୧, ୨ ଓ ୫ ନମ୍ବର ୱାର୍ଡର ବାସିନ୍ଦା। ଏହି ଅଞ୍ଚଳ ମାହାଙ୍ଗା ବିଧାନସଭା ଓ କେନ୍ଦ୍ରାପଡା ଲୋକସଭା କ୍ଷେତ୍ରରେ ରହିଛି। ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟରୁ ଶ୍ରୀକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ଗ୍ରାମର ୧ ଓ ୨ ନମ୍ବର ୱାର୍ଡ ଏବଂ ଅଡ଼ମମହେଶପୁର (ଚଢ଼େଇପୁଟିଆ) ୫ ନମ୍ବର ୱାର୍ଡର ଦୂରତା ମାତ୍ର ୩୦୦ ମିଟର୍। ହେଲେ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଗ୍ରାମବାସୀ ବାରମ୍ବାର ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଡିଓ ଓ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ବି ସୁଫଳ ମିଳିପାରି ନ ଥିବା ଅଭିଯୋଗ କରିଛନ୍ତି। ଭଲ ରାସ୍ତା ନ ଥିବାରୁ ଗାଁ ଭିତରକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ। ଦମକଳ ଗାଡ଼ି ବି' ଗାଁ ଭିତରକୁ ଯାଇପାରୁ ନାହିଁ। ବର୍ଷାଦିନେ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ପାନୀୟ ଜଳର କେ ?ଣସି ବ୍ୟବସ୍ଥା ନାହିଁ। ଗାଁ ଲୋକେ ନିକଟସ୍ଥ ଗୋବରୀ ନଦୀର ଜଳକୁ ପାନୀୟଜଳ ଭାବେ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏଥିଯୋଗୁଁ ସେମାନେ ବିଭିନ୍ନ ପେଟରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତର ବଭିନ୍ନ ସ୍ଥାନରେ ଆଲୋକ ବ୍ୟବସ୍ଥା କରାଯାଇଥିଲା ବେଳେ ଏହି ଗ୍ରାମରେ ଠିକ୍ ଭାବେ ଆଲୋକୀକରଣ କରାଯାଇ ନାହିଁ। ନାମକୁମାତ୍ର ଗ୍ରାମର ଦୁଇ, ତିନିଟି ସ୍ଥାନରେ ଲାଇଟ୍ ଲଗାଯାଇଥିବାରୁ ବହୁ ସ୍ଥାନ ଅନ୍ଧାର ରହୁଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେବା ସହିତ କେ ?ଣସି ଦଳର ନେତା ଓ କର୍ମୀଙ୍କୁ ଗାଁ ଭିତରକୁ ପୂରାଇ ଦେବେ ନାହିଁ ବୋଲି ଗାଁ ମୁଣ୍ଡରେ ବ୍ୟାନର୍ ମାରି ଚେତାବନୀ ଦେଇଛନ୍ତି।

# ରାଜ୍ୟ ପରିବହନ ବିଭାଗର ନିଷ୍ପତ୍ତି: ନିର୍ବାଚନ ପାଇଁ ଗାଡ଼ି ଅଧିଗ୍ରହଣରେ ନିୟୋଜିତ କର୍ମଚାରୀଙ୍କୁ ମିଳିବ ଅଗ୍ରୀମ ପ୍ରାପ୍ୟ

**କଟକ(ଏନ୍.ଏମ୍.) :** ସାଧାରଣ ନିର୍ବାଚନର ସୁପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କ ସମସ୍ତ ନିର୍ଦ୍ଦେଶକୁ ସଫଳତାର ସହ ପାଳନ କରୁଛି ରାଜ୍ୟ ପରିବହନ ବିଭାଗ। ନିର୍ବାଚନ ପ୍ରକ୍ରିୟାରେ ନିୟୋଜିତ ହେବାକୁ ଥିବା ଗାଡ଼ି ବ୍ୟବସ୍ଥା ସଂପୂର୍ଣ୍ଣ ଶୃଙ୍ଖଳିତ ଓ ତ୍ରୁଟିଶୂନ୍ୟ କରିବା ଉପରେ ଗୁରୁତ୍ୱ ଦେଇଛି ରାଜ୍ୟ ପରିବହନ ପ୍ରାଧିକରଣ। ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରାଧିକରଣର ସମସ୍ତ ଉଚ୍ଚ ଅଧିକାରୀ ଉପସ୍ଥିତ ରହିବା ସହ ଆରଟିଓମାନେ ଭିଡିଓ କନଫରେନ୍ସିଂ ମାଧମରେ ଭାଗ ନେଇଥିଲେ। ବର୍ତ୍ତମାନ ସୁଦ୍ଧା କେଉଁ ଅଞ୍ଚଳରୁ କେତେ ଗାଡ଼ି ଅଧିଗ୍ରହଣ ହୋଇଛି ସେ ସମ୍ପର୍କରେ ଆରଟିଓମାନେ ତଥ୍ୟ ରଖିଥିଲେ। ତେବେ ବୁଥ୍ ସଂଖ୍ୟା ଅନୁଯାୟୀ ନିଜ ଅଞ୍ଚଳରେ ସମୁଦାୟ କେତେ ଗାଡ଼ିର ଆବଶ୍ୟକତା ରହିଛି ଏହାର ପୁନଃ ଆକଳନ କରିବାକୁ ପରିବହନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୧୯ ନିର୍ବାଚନରେ ସମଗ୍ର ରାଜ୍ୟ ପାଇଁ ପରିବହନ ବିଭାଗ ୫୮ହଜାର ଗାଡ଼ି ଅଧିଗ୍ରହଣ କରିଥିଲା। ଚଳିତ ନିର୍ବାଚନରେ କେତେ ଗାଡ଼ି ଆବଶ୍ୟକ ହେବ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ସହ ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରିବହନ କମିଶନର କହିଛନ୍ତି। ଏହାସହ ଆରଟିଓ ମାନେ ନିଜ ଅଞ୍ଚଳ ପାଇଁ ଗାଡ଼ି ଅଧିଗ୍ରହଣ କରିବା ସହ ଅନ୍ୟ ଅଞ୍ଚଳ ପାଇଁ ଅଧିଗ୍ରହଣ କରିପାରିବେ ବୋଲି ନିଷ୍ପତ୍ତି ହୋଇଛି। ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଗାଡ଼ି ଦେବା ଓ ନେବା କାର୍ଯ୍ୟ ସଂପାଦନ କରାଯିବ। ଗାଡ଼ିରେ ନିୟୋଜିତ କର୍ମଚାରୀଙ୍କୁ ଦୈନିକ ଖର୍ଚ୍ଚ ଅଗ୍ରୀମ ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏ ସଂକ୍ରାନ୍ତରେ ପୂର୍ବରୁ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧମରେ ଅବଗତ କରିଛନ୍ତି। ବସ୍ ଓ ଚାରି ଚକିଆର ଚାଳକ, କଣ୍ଡକ୍ଟର କିମ୍ବା ସହାୟକ କର୍ମଚାରୀ ପ୍ରତ୍ୟେକଙ୍କୁ ଦୈନିକ ୫୦୦ ଟଙ୍କା ଓ ଦୁଇ ଚକିଆର ଚାଳକଙ୍କୁ ଦୈନିକ ୨୫୦ ଟଙ୍କା ଅଗ୍ରୀମ ପ୍ରଦାନ କରିବାକୁ ବ୍ୟବସ୍ଥା ହୋଇଛି। ପୂର୍ବ ନିର୍ବାଚନର ଅଭିଜ୍ଞତା ତଥା ନିୟୋଜିତ କର୍ମଚାରୀଙ୍କ ପ୍ରସ୍ତାବ ଭିତ୍ତିରେ ଚଳିତ ନିର୍ବାଚନରେ ଅଗ୍ରୀମ ପ୍ରାପ୍ୟ ବ୍ୟବସ୍ଥା ଲାଗୁ କରାଯାଇଛି। ଏହା ଗାଡ଼ିମାଲିକ ଓ କର୍ମଚାରୀମାନଙ୍କୁ ନିର୍ବାଚନ କାର୍ଯ୍ୟରେ ଭାଗ ନେବାକୁ ଉତ୍ସାହିତ କରିବ ବୋଲି ପରିବହନ କମିଶନର ଶ୍ରୀ ଠାକୁର ଆଶା ବ୍ୟକ୍ତ କରିଛନ୍ତି।

## ନିଜକୁ ନିଆଁ ଲଗାଇ ଦେଲେ ମହିଳା, ରକ୍ଷା କରିବାକୁ ଯାଇ ସ୍ୱାମୀ ଗୁରୁତର



**କେନ୍ଦୁଝର(ଏନ୍.ଏମ୍.) :** ପାରିବାରିକ କଳହରୁ ଘଟିଲା ସାଂଘାତିକ କାଣ୍ଡ। ନିଆଁରେ ପୋଡ଼ିହୋଇ ଗୁରୁତର ହେଲେ ଦମ୍ପତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା କାଠକଟା ଗାଁରେ ଗତ ରାତିରେ ଘଟିଛି ଏପରି ଅଭାବନୀୟ ଘଟଣା। ଗୁରୁତରଦ୍ୱୟ ହେଲେ କଠକଟାର ସଞ୍ଜୟ ହୋ ଓ ତାଙ୍କ ପତ୍ନୀ ସସ୍ମିତା ହୋ। ଗତ କିଛି ଦିନ ହେବ ସଞ୍ଜୟ ଓ ସସ୍ମିତାଙ୍କ ମଧ୍ୟରେ ମନୋମାଳିନ୍ୟ ଥିବା କୁହାଯାଉଛି। ଉଭୟଙ୍କ ମଧ୍ୟରେ ଗତ ରାତିରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହାପରେ ଉତ୍ତ୍ୟକ୍ତ ହୋଇ ସସ୍ମିତା ପ୍ରଥମେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ପତ୍ନୀଙ୍କ ରକ୍ଷା କରିବାକୁ ଯାଇ ସଞ୍ଜୟ ବି ପୋଡ଼ି ଯାଇଥିଲେ। ମାତ୍ର ବିଳମ୍ବିତ ରାତିରେ ଘରୁ ଚିତ୍କାର ଶୁଭିବାରୁ ପଡ଼ୋଶୀ ସେଠାରେ ପହଞ୍ଚିଥିଲେ। ଉଭୟ ଜଳୁଥିବା ଦେଖି ସେମାନେ ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ତତ୍କ୍ଷଣାତ ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ରାଉରକେଲାରେ ନକଲି ବିଦେଶୀ କାରବାର ବେଲଗାମ୍, ଚେର ଲମ୍ବିଛି ଝାଡ଼ଖଣ୍ଡ ଓ ଛତିଶଗଡ଼



**ରାଉରକେଲା(ଏନ୍.ଏମ୍.) :** ଚାଲିଛି ନିର୍ବାଚନ ପ୍ରଚାର। ଏହାର ଭରପୁର ଫାଇଦା ଉଠାଇବାକୁ ମାତିଲେଣି ଚୋରା ମଦବେପାରି। ସ୍ଥାନୀୟ ଥାନା ଓ ଅବକାରୀ ପୁଲିସକୁ ଚକ୍କା ଦେଇ ବେପାରିମାନେ ଚୋରାରେ ଯେତିକି ଅସଲି ବିଦେଶୀ ମଦ ବିକୁଛନ୍ତି, ତା'ର ଦୁଇଗୁଣା ନକଲି ମଦ ସହର ଓ ଏହାର ଆଖାପାଖ ହୋଟେଲକୁ ଚାଲାଣ କରୁଛନ୍ତି। କାଁଭାଁ କେତୋଟି ଜାଗାରେ ଚଢ଼ଉ କରି ଅବକାରୀ ପୁଲିସ ତା' କାମ ସାରି ଦେଉଛି। ବିଗତ ଦିନରେ ଅବକାରୀ ପୁଲିସ ନକଲି ମଦ ବୋଝେଇ କାର୍କୁ ଜବତ କରିଥିଲା। ଏହା ପୂର୍ବରୁ ବିସ୍ରାର ସ୍କୁଲରେ ନକିଲ ମଦ ତିଆରି କାରଖାନା ଠାବ କରିଥିଲା। ସେଠାରୁ ପୁଲିସ ବିପୁଳ ପରିମାଣରେ ନାମିଦାମି କମ୍ପାନୀ ଲୋଗୋଥିବା ନକଲି ମଦ ଜବତ କରିଥିଲା। ନିର୍ବାଚନରେ ମଦ ଆବଶ୍ୟକତା ବେଶି ବଢ଼ିଯାଇଥିବାରୁ ଏହାର ଫାଇଦା ଉଠାଉଛନ୍ତି ବିନା ଲାଇସେନ୍ସରେ ଚାଲିଥିବା ଢ଼ାବା ଓ ହୋଟେଲ ମାଲିକ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ପୁଲିସ କିମ୍ବା ଅବକାରୀ ପୁଲିସ ଏମାନଙ୍କ ବିରୋଧରେ ସେମିତି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନି। ବିନା ଲାଇସେନ୍ସରେ ଚାଲିଥିବା ଏସବୁ ହୋଟେଲ ଓ ଢ଼ାବାରେ ଦିନ ଓ ରାତି ମଦୁଆଙ୍କ ଆଡା ଜମୁଛି। ଏବେ ବିଭିନ୍ନ ରାଜନୈତିକ ଦଳର ନିର୍ବାଚନୀ ପ୍ରଚାରରେ ସାମିଲ ହେଉଥିବା ଯୁବଗୋଷ୍ଠୀଙ୍କୁ ବେଶି ଦେଖିବାକୁ ମିଳୁଛି। କିଛି ହୋଟେଲ ଓ ଢ଼ାବାଗୁଡ଼ିକରେ ବର୍ଷ ବର୍ଷ ଧରି ଚୋରାରେ ମଦ ବିକ୍ରି ହେଉଥିଲେ ହେଁ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ ହେଉଛି। ସହରର ପାନପୋଷ, ସିଭିଲଟାଉନସିପ୍ ଅନ୍ତର୍ଗତ ସଞ୍ଜୟ ମାର୍କେଟ ଏରିଆ, ଡେଲିମାର୍କେଟ, ଟ୍ରାଫିକ୍ ଗେଟ୍, ପାୱାରହାଉସ୍ ରୋଡ, ଗଙ୍ଗାଧରପାଲୀ, ନୂଆ ବସ୍‌ଷ୍ଟାଣ୍ଡ, ସେକ୍ଟର-୨୧ ନୟାବଜାର, ଛେଣ୍ଡ କଲୋନି, କଳିଙ୍ଗ ବିହାର ଥିବା ଢ଼ାବା ଓ ହୋଟେଲରେ ମଦ ବିକ୍ରି ହେଉଛି। ସେମିତି ଇସ୍ପାତ ସହରାଞ୍ଚଳ ଆମ୍ବାଗନ୍ ମାର୍କେଟ, ସେକ୍ଟର-୧୮, ସେକ୍ଟର-୬ ଏଚ୍ ବ୍ଲକ ମାର୍କେଟ, ସେକ୍ଟର-୨ ମାର୍କେଟ, କୋଏଲନଗର, ଝିରପାଣିରେ ପ୍ରାୟ ଅଧିକାଂଶ ହୋଟେଲ ଓ ଢ଼ାବାରେ ବେଆଇନ ମଦ ବିକ୍ରି ହେଉଛି। କିଛି ସ୍ଥାନରେ ନକଲି ବିଦେଶୀ ମଦ ମଧ୍ୟ ବିକ୍ରି ହେଉଛି। ବ୍ଲକଗୁଡ଼ିକରେ ଏହି କାରବାର ବେଶି। ଗତ ପ୍ରାୟ ବର୍ଷକ ମଧ୍ୟରେ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ନକଲି ମଦ କାରଖାନାକୁ ବନ୍ଦ କରିଛି। ଲକ୍ଷ ଲକ୍ଷ ଟଙ୍କା ନକଲି ବିଦେଶୀ ମଦ ଜବତ କରିବା ସହ ବେପାରୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଚୋରା ବେପାରିଙ୍କ ଗ୍ୟାଙ୍ଗକୁ ଧରିବାରେ ପୁଲିସ ଅସଫଳ ହୋଇଛି। ଏମାନଙ୍କ ଚେର ଝାଡ଼ଖଣ୍ଡ ଓ ଛତିଶଗଡ ପର୍ଯ୍ୟନ୍ତ ଲମ୍ବିଛି। ସେଠାକାର ଚୋରାବେପାରିଙ୍କ ସହାୟତାରେ ନକଲି ବିଦେଶୀ ମଦ ରାଉରକେଲାକୁ ଆସୁଛି। ଯାହାର ଟେର୍ ପାଉନି ପୁଲିସ। ନିର୍ବାଚନ ସମୟରେ ଏସବୁ ସ୍ଥାନରେ ନିୟମିତ ବ୍ୟବଧାନରେ ଚଢ଼ଉ କରିବାକୁ ସହରବାସୀ ଦାବି କରିଛନ୍ତି।

## ଦେବଗଡ଼ ଜିଲ୍ଲା ଗାଡ଼ପାଳ ଗାଁରେ ବ୍ୟାପୁଛି କିଡନି ରୋଗ



**ଦେବଗଡ଼ (ଏନ୍.ଏମ୍) :** ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଛେପଲିପାଲି ପଞ୍ଚାୟତର ଗାଡ଼ପାଳ ଗ୍ରାମରେ କିଡନି ରୋଗ ବ୍ୟାପିବାରେ ଲାଗିଛି। ଜଣେ ପରେ ଜଣଙ୍କ ଜୀବନ ନେଉଛି ଏହି ରୋଗ। ଦୂଷିତ ପାଣି ଯୋଗୁଁ ଏହା ବ୍ୟାପୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛି ଦିନ ମଧ୍ୟରେ ଗାଁ'ର ଗୋଟିଏ ପରିବାରର ୨ ଜଣଙ୍କ ଜୀବନ ଯାଇଥିବାବେଳେ ଆଉ ଜଣେ ଦେବଗଡ଼ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗାଡ଼ପାଳ ଗାଁ'ରେ ମୋଟ ୪ଟି ନଳକୂଅ ଥିବା ବେଳେ ସେଥିରୁ ୨ଟିର ପାଣି ବ୍ୟବହାର ଅନୁପଯୋଗୀ। ବାକି ୨ଟିରୁ କେତେବେଳେ ଭଲ ତ ପୁଣି କେତେବେଳେ ଖରାପ ପାଣି ବାହାରୁଛି। ଉକ୍ତ ପାଣି ବ୍ୟବହାର କରିବା ଦ୍ୱାରା ଗାଁ'ରେ କିଡ୍ନି ରୋଗ ବ୍ୟାପିବାରେ ଲାଗିଛି। ଗତ ୧୧ ଦିନ ଭିତରେ ଗୋଟିଏ ପରିବାରର ଦୁଇ ଜଣଙ୍କ ଜୀବନ ଯାଇଛି। ସେମାନେ ହେଲେ ପ୍ରାଣବନ୍ଧୁ ଶବର ଓ ଗୋକୁଳ ଶବର। ଉକ୍ତ ପରିବାରର ଅନ୍ୟ ଜଣେ ଚିକିତ୍ସାଧୀନ। ସେହିପରି ଗାଁ'ର ଆହୁରି ୫ ଜଣ ମଧ୍ୟ ଆକ୍ରାନ୍ତ ଥିବା ଜଣାପଡ଼ିଛି। ବହୁ ବର୍ଷ ହେଲା ଏହି ନଳକୂଅ ଲୋକଙ୍କ ପାନୀୟ ଜଳର ସାହାରା ପାଲଟିଛି। ଏଥିରୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ସମସ୍ୟା ନେଇ ଅନେକ ଥର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବା ସେମାନେ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଯୋଗାଣ ବିଭାଗ ପ୍ରୋତ୍ସାହନରେ ସାମଗ୍ରୀ ବାଟମାରଣା କରୁଛନ୍ତି ପରିବହନ ଠିକାଦାର !

**କଟକ(ଏନ୍.ଏମ୍.) :** କଟକ ମହାନଗର ନିଗମ ଅଞ୍ଚଳରେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ ପାଇଁ ଖୁଚୁରା ବିକ୍ରେତା ନିଯୁକ୍ତ ହୋଇଥିଲାବେଳେ ଖୁଚୁରା ବିକ୍ରେତାମାନଙ୍କ ନିକଟରେ ସାମଗ୍ରୀ ପହଞ୍ଚାଣ ପାଇଁ ପରିବହନ ଠିକାଦାର ଯୋଗାଣ ନିଗମ ନିଯୁକ୍ତ କରିଛନ୍ତି। କଟକ ମହାନଗର ନିଗମ ଅଞ୍ଚଳରେ ନିଯୁକ୍ତ ପରିବହନ ଠିକାଦାର ଏବେ ଯୋଗାଣ ବିଭାଗର ପ୍ରୋତ୍ସାହନରେ ସାମଗ୍ରୀ ବାଟମାରଣା କରୁଥିବା ଭଳି ଗୁରୁତର ଅଭିଯୋଗ କରିଛି କଟକ ରିଟେଲ ଡିଲର୍ସ ଆସୋସିଏସନ। ସଂଘର କାର୍ଯ୍ୟକାରୀ ସଭାପତି ସୈୟଦ ଏକ୍ରାମ ହୁସେନ କରିଛନ୍ତି ଯେ ସିଏମସି ଅଞ୍ଚଳରେ ୧୫୮ ଜଣ ଖୁଚୁରା ବିକ୍ରେତାଙ୍କୁ ସାମଗ୍ରୀ ପହଞ୍ଚାଣ ପାଇଁ ଯୋଗାଣ ନିଗମ ଦ୍ୱାରା ୩ ଜଣ ପରିବହନ ଠିକାଦାର ନିଯୁକ୍ତ ହୋଇଛନ୍ତି। ଏହି ପରିବହନ ଠିକାଦାର ମାନଙ୍କୁ ସାମଗ୍ରୀ ବାଟମାରଣା କରିବା ପାଇଁ ଯୋଗାଣ ବିଭାଗ ପ୍ରୋତ୍ସାହନ ଯୋଗାଉଛି। ଏଠାରେ ସୂଚନାଯୋଗ୍ୟ ଯେ, ଖୁଚୁରା ବିକ୍ରେତାମାନଙ୍କୁ ତାଙ୍କ ନିକଟରେ ସଂଯୋଗ ହୋଇଥିବା ପଡିକାର୍ଡ ଅନୁଯାୟୀ ନିର୍ଦ୍ଧାରିତ ଓଜନର ସାମଗ୍ରୀ ପହଞ୍ଚାଣ ପାଇଁ ପରିବହନ ଠିକାଦାରଙ୍କୁ ଯୋଗାଣ ବିଭାଗ ନିର୍ଦ୍ଦେଶ ଦେଇଥାଏ। ନିୟମ ଅନୁସାରେ ପରିବହନ ଠିକାଦାର ସରକାରୀ ଗୋଦାମରୁ ସାମଗ୍ରୀ ଓଜନ କରି ନିଜସ୍ୱ ଟ୍ରକ/ପିକ୍-ଅପ ଭ୍ୟାନ ଅଥବା ଛୋଟ ଛୋଟ ଗାଡ଼ିରେ ଏହି ସାମଗ୍ରୀ ଖୁଚୁରା ବିକ୍ରେତାମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ନିକଟରେ ପହଞ୍ଚାଇବା ସମୟରେ ନିୟମ ରହିଛି ଯେ, ଆଣିଥିବା ସାମଗ୍ରୀର ଶତକଡା ଦଶଭାଗ ସାଙ୍ଗରେ ଆଣିଥିବା ଓଜନ ମାପ ଯନ୍ତ୍ରରେ ଓଜନ ଦେଖାଇ କରି ସାମଗ୍ରୀ ଦେବ। କିନ୍ତୁ ପରିତାପର ବିଷୟ ପରିବହନ ଠିକାଦାର ଯୋଗାଣ ବିଭାଗର ଏହି ନିୟମକୁ 'ଫୁ' କରି ଯୋଗାଣ ବିଭାଗ କେତେକ ଅଫିସରଙ୍କ ସହାୟତାରେ ବିନା ଓଜନରେ ସାମଗ୍ରୀ ପହଞ୍ଚାଣ କରୁଛି। କୌଣସି ବିକ୍ରୟ କେନ୍ଦ୍ର ନିକଟରେ ପରିବହନ ଠିକାଦାର ନା ସାଙ୍ଗରେ ଆଣୁଛି ଓଜନ ମାପ ଯନ୍ତ୍ର ନା ଓଜନ ଦେଖାଇ ସାମଗ୍ରୀ ଦେଉଛି ; ଫଳରେ ବିନା ଓଜନରେ ଦେଇଥିବା ସାମଗ୍ରୀ ରେ ପ୍ରତ୍ୟେକ କ୍ୱିଣ୍ଟାଲରେ ଦୁଇ କିଲୋରୁ ଚାରି କିଲୋ ପର୍ଯ୍ୟନ୍ତ ସାମଗ୍ରୀ କମ୍ ହେଉଛି। ଯେଉଁ ଖୁଚୁରା ବିକ୍ରେତା ମାନେ ନିଜର ଓଜନ ମାପ ଯନ୍ତ୍ରରେ ସାମଗ୍ରୀ ଓଜନ ଦେଖି କରି ନେବାକୁ କହୁଛନ୍ତି ସେମାନଙ୍କୁ ପରିବହନ ଠିକାଦାର ବିଭିନ୍ନ ପ୍ରକାରର ହଇରାଣ ହରକତ ସ୍ୱରୂପ ନିମ୍ନମାନର ସାମଗ୍ରୀ ଚିରାଫଟା ବସ୍ତାରେ ସାମଗ୍ରୀ ବହୁ ବିଳମ୍ବରେ ପହଞ୍ଚାଣ କରୁଛି। ଏପରି କି ପରିବହନ ଠିକାଦାରଙ୍କ କର୍ମଚାରୀ ଖୁଚୁରା ବିକ୍ରେତାମାନଙ୍କୁ ଅଶ୍ରାବ୍ୟ ଭାଷା କହିବାକୁ ମଧ୍ୟ ପଛାଉ ନାହାଁନ୍ତି ଏଣେ ଯୋଗାଣ ବିଭାଗ ପଡିକାର୍ଡ ଧାରୀଙ୍କୁ ମାସିକିଆ କୋଟା ବଦଳରେ ବାଟମାରଣାର ବାଟ କରିବା ପାଇଁ କେତେବେଳେ ଦୁଇମାସ, କେତେବେଳେ ତିନି ମାସ, ପୁଣି କେତେବେଳେ ଚାରି ମାସର ସାମଗ୍ରୀ ଏକକାଳୀନ ପୁଣି ମାତ୍ର କୋଡିଏରୁ ପଚିଶ ଦିନ ମଧ୍ୟ ରେ ନେବାପାଇଁ ବାଧ କରୁଛନ୍ତି। ଏହା ଦ୍ୱାରା ଗରିବ ପଡିକାର୍ଡ ଧାରୀ ସ୍ଥାନ ଅଭାବରୁ ବାଧ ହୋଇ ସାମଗ୍ରୀ ଗୁଡିକ ସାହି, ବସ୍ତିରେ ଥିବା ଗ୍ରୋସୋରୀ ଦୋକାନୀକୁ ଅଳ୍ପ ମୁଲ୍ୟରେ ବିକ୍ରୟ କରିବାକୁ ବାଧ ହେଉଛନ୍ତି। ଫଳରେ ସ୍ୱଳ୍ପ ସମୟରେ ସାମଗ୍ରୀ ଉଠାଣ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ଖୁଚୁରା ବିକ୍ରୟ କେନ୍ଦ୍ରରୁ ସାମଗ୍ରୀ ନେବାପାଇଁ ଖୁଚୁରା ବିକ୍ରୟ କେନ୍ଦ୍ର ନିକଟରେ ଭିଡ଼ କରୁଛନ୍ତି। ବାଧ ହୋଇ ଖୁଚୁରା ବିକ୍ରେତା ପରିବହନ ଠିକାଦାରଙ୍କ ବେନିୟମ କାର୍ଯ୍ୟ ସହିତ ସାଲିସ କରିବାକୁ ବାଧ ହେଉଛନ୍ତି ଓ ଶୋଷଣର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗତ ଡିସେମ୍ବର ମାସରେ କଟକ ରିଟେଲ ଡିଲର୍ସ ଆସୋସିଏସନ୍ ପକ୍ଷରୁ ଯୋବ୍ରା ଅଞ୍ଚଳର ଖୁଚୁରା ବିକ୍ରୟ କେନ୍ଦ୍ର ନିକଟରେ ପରିବହନ ଠିକାଦାର ଦ୍ୱାରା ପ୍ରେରଣ ହୋଇଥିବା ସାମଗ୍ରୀ ପହଞ୍ଚାଣ ସମୟରେ ତନଖି କରାଯିବାରୁ ପ୍ରତ୍ୟେକ ବସ୍ତା ରେ ଧାର୍ଯ୍ୟ ଓଜନ ଠାରୁ ବସ୍ତା ପିଛା ଏକ କିଲୋରୁ ଦୁଇ କିଲ ପର୍ଯ୍ୟନ୍ତ ସାମଗ୍ରୀ କମ୍ ଥିବା ଓ ଉକ୍ତ ଟ୍ରକ୍ ଚାରି କ୍ୱିଣ୍ଟାଲରୁ ଅଧିକ ସାମଗ୍ରୀ କମ୍ ଥିବା ଦେଖିବାକୁ ମିଳିଥିଲା। ଯୋଗାଣ ଅଧିକାରୀଙ୍କୁ ଏସମ୍ପର୍କରେ ଆସୋସିଏସନ୍ ପକ୍ଷରୁ ଗତ ଡ଼ିସେମ୍ବର ମାସ ୨୬ ତାରିଖ ଦିନ ଉକ୍ତ ପରିବହନ ଠିକାଦାର ଏବଂ ଗୋଦାମ ଦାୟିତ୍ୱରେ ଥିବା ପି.ଆଇ. ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଦାବିପତ୍ର ଦିଆଯାଇଥିଲା। ଯୋଗାଣ ଅଧିକାରୀ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ୪ ମାସ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ତଦନ୍ତ ପାଇଁ ଧାଡିଏ ନିର୍ଦ୍ଦେଶ ମଧ୍ୟ ଦିଆଗଲା ନାହିଁ। ଏଥିରୁ ସ୍ପଷ୍ଟ ଯେ ଯୋଗାଣ ବିଭାଗର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ପରିବହନ ଠିକାଦାର ସାମଗ୍ରୀ ବାଟମାରଣା କରୁଛି ଏବଂ ଏହି ବାଟମାରଣା ସାମଗ୍ରୀ କଳାବଜାର କରି ଆୟ ଅର୍ଥର ଏକ ସିଂହ ଭାଗ ସିଏମସିର କାର୍ଯ୍ୟରତ ଯୋଗାଣ ଅଧିକାରୀ ଓ ସହଯୋଗୀ ମାନେ ନେଉଥିବା ସଂଘ ଅଭିଯୋଗ କରିବା ସହ କଟକ ଜିଲ୍ଲାପାଳ ଏହା ଉପରେ ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ହୁସେନ ଦୃଢ଼ ଦାବି କରିଛନ୍ତି।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଓଡ଼ିଶା ପାଇଁ ବିଜେପିର ଷ୍ଟାର ପ୍ରଚାରକ ...

ବୈଜୟନ୍ତ ପଣ୍ଡା, ସୁନୀଲ ବଂଶଲ, ଧର୍ମେନ୍ଦ୍ର ପ୍ରଧାନ, ବିଜୟପାଲ ସିଂହ ତୋମାର, ସୁଶ୍ରୀ ଲତା ଉସେଣ୍ଡି, ଶାନ୍ତନୁ ଠାକୁର, ବିଶ୍ୱେଶ୍ୱର ଟୁଡୁ, ଜୟ ନାରାୟଣ ମିଶ୍ର, ଜୁଏଲ ଓରାମ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେଦାର ନାଥ କଶ୍ୟପ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର, ବସନ୍ତ କୁମାର ପଣ୍ଡା, ସୁରେଶ ପୂଜାରୀ, କନକ ବର୍ଦ୍ଧନ ସିଂହଦେଓ, ସମୀର ମହାନ୍ତି, ମାନସ କୁମାର ମହାନ୍ତି, ଗୋଲକ ପ୍ରସାଦ ମହାପାତ୍ର, ପୂର୍ଣ୍ଣିମା କେରକେଟ୍ଟା, ସାରଦା ପ୍ରସାଦ ଶତପଥୀ, ରମେଶ ସାହୁ, ଅନୁଭବ ମହାନ୍ତି, ହରିହର ମହାପାତ୍ର, ପିଙ୍କି ପ୍ରଧାନ ଓ ଶ୍ରୀତମ ଦାସ । ଏହା ପୂର୍ବରୁ ବିଜେଡି ତା'ର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରି ସାରିଛି । ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୪୦ ଜଣଙ୍କ ନାଁ ରହିଛି ।

## ହିଞ୍ଜିଳିରୁ ପ୍ରଚାର ଅଭିଯାନ ଆରମ୍ଭ ...

ଜନସଭାକୁ ସମ୍ବୋଧନ କରି କହିଛନ୍ତି ନବୀନ । ଆଜି ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରୁ ନବୀନ ପ୍ରଚାର ଆରମ୍ଭ କରିଥିବା ବେଳେ ଶେରଗଡ଼ରେ ମଧ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ସେପଟେ ନବୀନଙ୍କ ଅଭିଯୋଗ ନେଇ ବିରୋଧୀଙ୍କ ପ୍ରତିକ୍ରିୟା ମିଳିପାରିନି ।

## ରାହୁଲଙ୍କ ସିଧା ହାମଲା ...

ଦେଶର ସବୁ ଗରିବ ପରିବାରର ଜଣେ ଜଣେ ମହିଳାଙ୍କୁ ବଛାଯିବ । ଉକ୍ତ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ପ୍ରତି ମାସରେ ୮ ହଜାର ୫ ଶହ ଟଙ୍କା ମହିଳାଙ୍କ ଖାତାକୁ ଯିବ । ଓଡ଼ିଶାର ବେକାର ଯୁବକ ଓ ଯୁବତୀଙ୍କ ପାଇଁ କଂଗ୍ରେସ 'ପେହଲି ନୌକରୀ ପକ୍କି' ଯୋଜନା ଆଣିବ ବୋଲି କହିଛନ୍ତି ରାହୁଲ । ସେ କହିଛନ୍ତି, ସମସ୍ତ ବେକାର ଯୁବକଯୁବତୀଙ୍କୁ ଏହି ଯୋଜନାରେ ଗ୍ୟାରେଣ୍ଟି ମିଳିବ । ଚାକିରି ମାଗିବା କ୍ଷଣି ବର୍ଷକ ପାଇଁ ଆପ୍ରେଣ୍ଟିସିପ୍ ଦିଆଯିବ । ରାହୁଲ ଆହୁରି କହିଛନ୍ତି, ଆମେ ଦେଶର କୋଟି କୋଟି ଲୋକଙ୍କୁ ଲକ୍ଷପତି ବନାଇବୁ । ଦେଶର କୋଟି କୋଟି ଲୋକଙ୍କ ଖାତାକୁ ଲକ୍ଷେ ଟଙ୍କା ଦେବୁ । କମିଶନ ବସାଇବୁ, ଚାଷୀଙ୍କ ଋଣ ଛାଡ଼ କରିବୁ । ଆଶା, ଅଙ୍ଗନବାଡ଼ି ଦିଦିଙ୍କ ପାରିଶ୍ରମିକ ଦୁଇଗୁଣା କରିବୁ । ମନରେଗା ମଜୁରୀ ୪ ଶହ ଟଙ୍କା କରିବୁ । ଆଦିବାସୀଙ୍କୁ ଜଙ୍ଗଲ, ଜଳ, ଜମି ହସ୍ତାନ୍ତର କରାଯିବ ।

## ସମ୍ବଲପୁରର ପୂର୍ବତନ ବିଧାୟିକା ...

ପରେ ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମର୍ଥକମାନେ ଆଗାମୀ ନିର୍ବାଚନରେ ବିଜେପିକୁ ସମର୍ଥନ କରିପାରନ୍ତି । କିଛି ଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିଲେ ରାସେଶ୍ୱରୀ । ଦଳ ତାଙ୍କୁ ସମ୍ବଲପୁର ବିଧାନସଭା ପାଇଁ ଟିକେଟ୍ ନଦେବାରୁ ଦଳ ଛାଡ଼ିଥିଲେ । ବିଜେଡି ଛାଡ଼ିଥିଲେ ବି ସେ ଅନ୍ୟ କୌଣସି ଦଳରେ ସାମିଲ ହେବେ ନାହିଁ ବୋଲି କହିଥିଲେ । ରାଜନୈତିକ ଦଳରେ ସାମିଲ ହେବେ ନାହିଁ, ସମାଜସେବା କରିବେ ବୋଲି କହିଥିଲେ ରାସେଶ୍ୱରୀ ।

## ପ୍ରଥମଥର ପାଇଁ ରୋଡ୍ ଶୋ' ...

କହୁଛନ୍ତି । ଏହା ଏକ ଛତ୍ରବାଦର ପରିଚୟ । ୨୨ ବର୍ଷ ହେଲାଣି ଅରବିନ୍ଦ କେଜ୍ରିଓ୍ୱାଲ ମଧୁମେହ ରୋଗରେ ପୀଡ଼ିତ । ସେ ୧୨ ବର୍ଷ ହେଲା ଇନସୁଲିନ ନେଉଥିଲେ । ଜେଲରେ ତାଙ୍କୁ ଇନସୁଲନ ପାଇଁ ମନା କରାଯାଇଥିଲା । କ'ଣ ସେମାନେ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ହତ୍ୟା କରିବାକୁ ଚାହୁଁଛନ୍ତି ? ମୁଁ ଜାଣିଛି ଯେ ଆପଣମାନେ କେଜ୍ରିଓ୍ୱାଲଙ୍କୁ ଭଲ ପାଆନ୍ତି ଓ ଏଇଠାହିଁ ସେମାନଙ୍କର ସମସ୍ୟା । ତାଙ୍କର ଭୁଲ କ'ଣ ? ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ସ୍କୁଲ ତିଆରି କରିଥିଲେ । ଲୋକଙ୍କୁ ମାଗଣାରେ ବିଜୁଳି ଦେଇଥିଲେ ଓ ମୋହଲା କ୍ଲିନ ଖୋଲିଥିବା କାରଣରୁ କ'ଣ ତାଙ୍କୁ ଜେଲ ନିଆଯାଇଛି ? ଦେଶ ବର୍ତ୍ତମାନ ଏକଛତ୍ରବାଦୀ ଶାସନ ଆଡ଼କୁ ଯାଉଛି । ଆପଣମାନେ ନଜ ଭୋଟର ଶକ୍ତିକୁ ଜାଣନ୍ତୁ । ମେ' ୨୫ରେ ଆପଣମାନେ ଏକ ଛତ୍ରବାଦ ବିରୋଧରେ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଭୋଟ ଦିଅନ୍ତୁ । ଆମେ ସମସ୍ତେ ଏକାଠି ଲଢ଼ିବା ଓ ଜିତିବା ।" କେଜ୍ରିଓ୍ୱାଲଙ୍କ ପରିବାର ପ୍ରତି ଲୋକଙ୍କ ଭଲ ପାଇବା ଥିବାରୁ ଆଜି ଏତେ ସଂଖ୍ୟକ ଲୋକ ସୁନୀତାଙ୍କ ରୋଡ ଶୋ'ରେ ସାମିଲ ହୋଇଥିଲେ ବୋଲି ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି ।

## କଂଗ୍ରେସ ଘୋଷଣା କଲା ପ୍ରାର୍ଥୀ ...

କରିଥିବା ବେଳେ ବିଜେପି ଏଯାଏ କାହାକୁ ବି ଟିକେଟ ଦେଇନାହିଁ । ଏହାବାଦ ଜଳେଶ୍ୱରରୁ ଦେବୀ ପ୍ରସନ୍ନ ଚାନ୍ଦ, ବାଲେଶ୍ୱରରୁ ମୋନାଲିସା ଲେଙ୍କା, ବଡ଼ଚଣାରୁ ଅଜୟ ସାମଲ, ପାଲଲହଡ଼ାରୁ ଫକୀର ସାମଲ, ଜଗତସିଂହପୁର ଆସନରୁ ପ୍ରତିମା ମଲ୍ଲିକଙ୍କୁ ଦଳ ଟିକେଟ ଦେଇଛି । ଦଳ ଆଜି ଆଉ ୨ଟି ଲୋକସଭା ଆସନ ପାଇଁ ମଧ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି । କଟକରୁ ଦଳ ସୁରେଶ ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି । ସେହିପରି ନିକଟରେ ବିଜେଡି ଛାଡ଼ି କଂଗ୍ରେସରେ ମିଶିଥିବା ନଗେନ୍ଦ୍ର ପ୍ରଧାନ ସମ୍ବଲପୁରରୁ ଟିକେଟ ପାଇଛନ୍ତି । ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ସ୍ଥାନରେ ନଗେନ୍ଦ୍ର ପ୍ରଧାନଙ୍କୁ ଦଳ ଟିକେଟ ଦେଇଛି । ସମ୍ବଲପୁରରେ ନଗେନ୍ଦ୍ରଙ୍କ ଲଢ଼େଇ ବିଜେପିର ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡିର ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ସହ ହେବ ।

## ଚେକିଂ ବେଳେ ରାଜଧାନୀରୁ ଜବତ ହେଲା ...

ଟଙ୍କା ନେଇ ଯାଇଥିବା ବ୍ୟକ୍ତି ଏହାର କୌଣସି ସନ୍ତୋଷଜନକ ଉତ୍ତର ପୁଲିସକୁ ଦେଇ ପାରି ନଥିଲେ । ସେଥି ପାଇଁ ପୁଲିସ ଏ ଟଙ୍କାଙ୍କୁ ଜବତ କରି ଚନ୍ଦ୍ରଶେଖରପୁର ଥାନାରେ ରଖିଛି । ଅମ୍ଲାନ ଯୋତି ପ୍ରକାଶ ସିଂ ପୁଲିସକୁ କହିଛନ୍ତି ତାଙ୍କ ଗୋଟିଏ ପାଣି କମ୍ପାନି ଅଛି ସାତଶଙ୍ଖ ପୁରୀରେ । ସେ ତାଙ୍କ କମ୍ପାନିର କର୍ମଚାରୀ ମାନଙ୍କୁ ଟଙ୍କା ଦେବା ପାଇଁ ନେଉଥିଲେ । ହେଲେ ଏହା ପ୍ରକୃତରେ କେତେ ସତ ତାହା ପୁଲିସ ତଦନ୍ତ କରୁଛି ।

# ଓଡ଼ିଶାବାସୀଙ୍କୁ ସତର୍କ କରାଇଲେ ଜେପି ନଡ୍ଡା : କହିଲେ- ବାହାର ଲୋକଙ୍କୁ ଦିଆଯାଉଛି ପ୍ରଶ୍ରୟ



**ବ୍ରହ୍ମପୁର(ଏନ୍.ଏମ୍.):** ବ୍ରହ୍ମପୁରର ଆମ୍ବପୁଆରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଗର୍ଜିଛନ୍ତି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ସେ ଓଡ଼ିଶାରେ ୨୫ ବର୍ଷ ହେଲା କ୍ଷମତାରେ ଥିବା ବିଜେଡି ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି । ବିଜେଡି ସରକାର ବଦଳିବା ଦରକାର ବୋଲି ସେ ଆହ୍ୱାନ ଦେଇଛନ୍ତି । ଏଥିସହ ବିଜେଡି ସରକାର ବାହାର ଲୋକଙ୍କୁ ପ୍ରଶ୍ରୟ ଦେଉଛି ଓ ଓଡ଼ିଶାବାସୀ ଏଥିପ୍ରତି ସତର୍କ ରୁହନ୍ତୁ ବୋଲି ନଡ୍ଡା କହିଛନ୍ତି । ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ ଲାଗୁ କରିନାହାନ୍ତି । ଏଥିପାଇଁ ଜେପି ନଡ୍ଡା ସରକାର ବଦଳାଇବାକୁ ମଧ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଏ ସରକାର ବଦଳିବା ଦରକାର । ଆୟୁଷ୍ମାନ ଭାରତ ଯୋଜନାରୁ ଓଡ଼ିଶା ଲୋକ ବଞ୍ଚିତ ରହିଛନ୍ତି । ଏଭଳି ସରକାର ରହିବା ଅନୁଚିତ । ବିପକ୍ଷ ସରକାର ଥିବା ସତ୍ତ୍ୱେ ମୋଦି ସର୍ବାଧିକ ଅନୁଦାନ ଓଡ଼ିଶାକୁ ଦେଇଛନ୍ତି । ରେଲୱେରେ ଓଡ଼ିଶା ପାଇଁ ୧୨ ଗୁଣା ବଜେଟ ବଢ଼ାଯାଇଛି । ସେହିପରି ମୋଦି ନିଷ୍ପତ୍ତି ନେଇଛନ୍ତି କିନ୍ନରମାନଙ୍କୁ ମଧ ଆୟୁଷ୍ମାନ ଯୋଜନାରେ ସାମିଲ କରାଯିବ । ସେମାନଙ୍କୁ ଅନ୍ୟମାନଙ୍କ ଭଳି ବର୍ଷକୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରାଯିବ ବୋଲି ନଡ୍ଡା କହିଛନ୍ତି । ବିଶାଳ ଜନସମାବେଶକୁ ସମ୍ବୋଧନ କରି ଜେପି ନଡ୍ଡା ଆହୁରି କହିଛନ୍ତି, "ବିଜେପିର ଲୋକସଭା ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥୀମାନଙ୍କୁ ଭୋଟ ଦେଇ ଆପଣ ନବୀନ ସରକାରକୁ ଭୁଶୁଡ଼ାଇବାକୁ ଚାହୁଁଛନ୍ତି ବୋଲି ପ୍ରମାଣ କରନ୍ତୁ । ଓଡ଼ିଶାରେ ଓଡ଼ିଆରେ ନେତୃତ୍ୱ ନେବାକୁ କେହି ନେତା ଏଠାରେ ନାହାନ୍ତି ? ବାହାରୁ ନେତା ଆପଣ ଆଣିବେ କି ? ଆମଦାନୀ କରିବେ କି ? ଆପଣମାନେ ମାଟିର ପୁଅକୁ ନେତା କରିବେ ନା ? ବାହାର ଲୋକଙ୍କୁ ଆଣିବେ ନାହିଁ ତ ? ଏବେ ସରକାର ବାହାର ଲୋକଙ୍କୁ ଆଣିବାକୁ ପ୍ରୟାସ କରୁଛନ୍ତି । ଏଥିପ୍ରତି ସତର୍କ ରହିବେ । ନବୀନ ବାବୁ ଯେମିତି ସରକାର ଚଳାଉଛନ୍ତି, ସେଠାରେ ବାହାର ଲୋକଙ୍କୁ ପ୍ରଶ୍ରୟ ଦିଆଯାଉଛି । ଏହା ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ । ଆପଣମାନଙ୍କୁ ଏହାର ଜବାବ ପଦ୍ମ ଫୁଲର ବଟନ ଦବାଇ ଦେବାକୁ ପଡ଼ିବ ।" ଚିଟଫଣ୍ଡ ଦୁର୍ନୀତି କଥା ମଧ ଜେପି ନଡ୍ଡା ଉଠାଇଛନ୍ତି । ସେ କହିଛନ୍ତି, "ବିଜେଡି ସରକାରରେ ଦୁର୍ନୀତି ଚାଲିଛି କି ନାହିଁ ? ଏଠାରେ ନେତା, ଅଫିସରଙ୍କ ଦୁର୍ନୀତି ଚାଲିଛି, ବାବୁରାଜ ଚାଲିଛି । ଚିଟଫଣ୍ଡ ଦୁର୍ନୀତିରେ ବୁଡ଼ିଥିବା ସରକାରକୁ ରହିବା ଦରକାର ନାହିଁ । ୧୬୦ ଚିଟଫଣ୍ଡ କମ୍ପାନୀ ୨୦ ଲକ୍ଷ ଲୋକଙ୍କ ଠାରୁ ୩୨ ହଜାର କୋଟି ଟଙ୍କା ଠକେଇ କରିଛନ୍ତି । ଏହା କ'ଣ ବିଜେଡି ସରକାରର ଦୁର୍ନୀତି ନୁହେଁ ? ଏବେ ଓଡ଼ିଶା ସରକାର ଲୋକଙ୍କ ଟଙ୍କା ଦେବାକୁ ମନା କରୁଛି । ଏଭଳି ସରକାର ରହିବା ଦରକର କି ? ମେ' ୧୩ ତାରିଖରେ ଆପଣମାନେ ପଦ୍ମ ଫୁଲର ବଟନ ଦବାଇ ଏହାର ଜବାବ ଦେବେ । ଜଳ ଜୀବନ ମିଶନରେ ଠିକା ପାଇଥିବା ଲୋକ କଳା ତାଲିକା ଭୁକ୍ତ ରହିଛନ୍ତି । କଳା ତାଲିକା ଭୁକ୍ତ ଠିକା ଦାରଙ୍କ ସହ ବିଜେଡିର କ'ଣ ସମ୍ପର୍କ ରହିଛି ? ଏମାନଙ୍କୁ କାହିଁକି ଠିକା ଦିଆଯାଉଛି ? ଆପଣମାନେ ଆମ ଲୋକଙ୍କୁ କାମ ଦିଅନ୍ତୁ ।"

# ଶତ ପ୍ରତିଶତ ଭୋଟ୍‌ଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅନନ୍ୟ ପ୍ରୟାସ



**କେନ୍ଦ୍ରାପଡ଼ା (ଏନ୍.ଏମ୍.):** ଶତ ପ୍ରତିଶତ ଭୋଟଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅନନ୍ୟ ପ୍ରୟାସ ଜାରି ରହିଛି । କେବେ ଡଙ୍ଗାରେ ନଦୀ ପାର ହୋଇ ଘରକୁ ଘର ବୁଲି ଭୋଟରଙ୍କୁ ସଚେତନ କରୁଛନ୍ତି ତ ଆଉ କେବେ ଜଳ ସେବା କେନ୍ଦ୍ର ମାଧ୍ୟମରେ ମତଦାତାଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଉଛନ୍ତି । କିନ୍ତୁ ଆଜି ଆଉ ଏକ ନିଆରା ଢଙ୍ଗରେ ମତଦାନ କରିବାକୁ ଭୋଟର୍‌ଙ୍କୁ ନିବେଦନ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିକାଶ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରତୀକାତ୍ମକଭାବେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ କରୁଥିବା ୫ଜଣ ଭୋଟରଙ୍କୁ ଗୋଲଡେନ୍ ଗ୍ରାସ୍(କାଇଁଚ)ରେ ପ୍ରସ୍ତୁତ ମୋମେଂଟୋ ପ୍ରଦାନ କରି କହିଛନ୍ତି "ଆମ ଜିଲ୍ଲାର ସମସ୍ତ ଭୋଟର୍ ଚଳିତ ନିର୍ବାଚନକୁ ନିଜର ସୁବର୍ଣ୍ଣ ସ୍ମୃତିରେ ରଖିବା ପାଇଁ ଜୁନ୍ ୧ ତାରିଖରେ ନିଶ୍ଚୟ ଭୋଟଦାନ କରନ୍ତୁ ଓ ସୁସ୍ଥ ଗଣତାନ୍ତ୍ରିକ ଧାରା ବଜାୟ ରଖିବାରେ ନିଜର କ□ବ୍ୟ ସମ୍ପାଦନ କରନ୍ତୁ । "ପ୍ରତୀକାତ୍ମକ ସ୍ୱରୂପ ସମାଜର ପ୍ରତ୍ୟେକ ବର୍ଗକୁ ପ୍ରତିନିଧିତ୍ୱ କରୁଥିବା ଜଣେ ଅଶିତିପର ବୟସ୍କ ଭୋଟର, ଭିନ୍ନକ୍ଷମ, ମହିଳା, କିନ୍ନର ଓ ନୂଆ କରି ଭୋଟର୍ ତାଲିକାରେ ପଞ୍ଜୀକୃତ କରିଥିବା ଜଣେ ଯୁବ ଭୋଟରଙ୍କୁ ଏହି ମୋମେଂଟୋ ପ୍ରଦାନ କରିଥିଲା ଜିଲ୍ଲା ପ୍ରଶାସନ । ଭୋଟରଙ୍କୁ ସମ୍ମାନ ପ୍ରଦର୍ଶନ ଜରିଆରେ ପ୍ରତ୍ୟେକ ବର୍ଗର ସମସ୍ତ ଭୋଟର ଆଗେଇ ଆସିବାର ବାର୍ତ୍ତା ମତଦାତାଙ୍କ ନିକଟରେ ପହଂଚାଇବା ସହ ଏହା ମାଧ୍ୟମରେ ଇନ୍‌କ୍ଲୁସିଭ୍ ଇଲେକ୍ସନ୍ ବା ଅନ୍ତର୍ଭୁକ୍ତିକରଣ ନିର୍ବାଚନର ଆହ୍ୱାନ ରଖିଛି ଜିଲ୍ଲା ପ୍ରଶାସନ । ମୋମେଂଟୋରେ ଲେଖା ଅଛି "ମୋ ଭୋଟ୍ ମୋ କ□ବ୍ୟ ।" ଏହି କ□ବ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବାକୁ ହେଲେ ଆମକୁ ନିଶ୍ଚିତରୂପେ ଜୁନ୍ ୧ ତାରିଖରେ ଭୋଟ୍ ଦେବାକୁ ହେବ । ଏ ଭୋଟ୍ ଅବାଧ, ନିରପେକ୍ଷ, ପ୍ରଲୋଭନମୁକ୍ତ ଓ ବିବେକାନୁମୋଦିତ ହେବା ଜରୁରୀ । ଯୋଗ୍ୟ ପ୍ରତିନିଧି ବାଛି ନିଜ ନାଆର ନିଜେ ନାଉରୀ ଅଥବା ନିଜର ଭାଗ୍ୟ ନିଜେ ଲେଖିବା ପାଇଁ ଜୁନ୍ ୧ରେ ଆମକୁ ସୁନିଶ୍ଚିତ କରିବାକୁ ହେବ ଆମର ଭୋଟ୍ । ଏହି ମୋମେଂଟୋ ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଡେପୁଟି କଲେକ୍ଟର କୁଇନ୍ ଜେନା, ଡକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ପୌରନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳିଗଲା ୩୬ ବଖରା, ଗାଈଗୋରୁ ଜୀବନ୍ତ ଦଗ୍ଧ



**ଭଦ୍ରକ(ଏନ୍.ଏମ୍.):** ଭୟାବହ ଅଗ୍ନିକାଣ୍ଡରେ ୨୩ପରିବାର ୩୬ ବଖରା ଘର ଭସ୍ମିଭୂତ ହୋଇଯାଇଛି । ଗାଈ,ଛେଳି ଜୀବନ୍ତ ଦଗ୍ଧ, ହେବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆଦୋଳା ପଞ୍ଚାୟତର କାଶୀପୁର ଗାଁ ଓ କାଳୀଗଦି ଗ୍ରାମରେ । ରବିବାର ସଂନ୍ଧ୍ୟାରେ କାଳବୈଶାଖି ହୋଇଥିଲା । ସେଇ ସମୟରେ କାଶୀପୁର ଗାଁର ଦିନବନ୍ଧୁ ପରିଡ଼ା ବିଲରେ ଥିଲେ । ବିଲ କାମ ସାରି ଘରକୁ ଫେରିଥିଲେ । ଘରେ ପହଞ୍ଚି ଦେଖିଲେ ଘର ସମ୍ପୁର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଛି । ୧୬ ବଖରା ଘର ସହିତ ସମସ୍ତ ଜିନିଶ ପତ୍ର ସବୁ ପୋଡ଼ି ଯାଇଛି । ସେଭଳି କାଳୀଗଦି ଗାଁର ଜଣେ ଚାଷୀ ବିଲରେ ଥିଲାବେଳେ ତାଙ୍କରବି ଘର ପୋଡ଼ି ଯାଇଛି । ତାଙ୍କ ୨୦ ବଖରା ଘର ସହ ଏକାଧିକ ଗାଈଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି । ବଜ୍ରାଘାତ ଯୋଗୁଁ ୨ଟି ଜାକ ପଞ୍ଚାୟତରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଦୁଇଟି ପଞ୍ଚାୟତର ୩୬ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି । ସରକାରୀ ସହାୟତା ଲୋଡ଼ିଛନ୍ତି କ୍ଷତିଗ୍ରସ୍ତ ହୋଇଥିବା ପରିବାର ଲୋକେ । କାଳିଗଦି ଗାଁର ଶୁସାନ୍ତ ପରିଡ଼ା କହିଛନ୍ତି, ମୁଁ ବିଲରେ ଥିଲି କାଳବୈଶାଖି ପ୍ରଭାବରେ ମୋର ସବୁ ଘର ପୋଡ଼ି ଯାଇଛି । ଦମକଳ ବିଭାଗକୁ ଖବର ଦେଇଥିଲୁ ଏପର୍ଯ୍ୟନ୍ତ ଆସି ନାହିଁ । ଆମେ ସାହି ପଡ଼ିସି ମିସିକି ନିଆଁ ଲିଭାଉଛୁ । କାଶୀପୁର ଗାଁର ଦିନବନ୍ଧୁ ପରିଡ଼ା କହିଛନ୍ତି, ମୁଁ ବିଲକୁ ଯାଇଥିଲି ଫସଲରେ ପାଣିଦେବା ପାଇଁ । ଘରେ କେହି ନଥିଲେ । ଘରକୁ ଆସି ଦେଖିଲା ବେଳକୁ ସବୁ ପୋଡ଼ି ଯାଇଛି । କିଛି ଜିନିସ କାଢିନାହିଁ ସବୁ ପୋଡ଼ି ଗଲା । ମୁଁ ଘର କରିବି ବୋଲି ଟଙ୍କା ରଖିଥିଲି ଝିଅ ବାହାଘର ପାଇଁ ସୁନା ରଖିଥିଲି ସବୁ ପୋଡ଼ି ଗଲା । ସରକାର ଆମଙ୍କୁ ସାହାଯ୍ୟ କରନ୍ତୁ ।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

## 'ମଧୁବାବୁ ଥିଲେ ଓଡ଼ିଆ ଜାତୀୟତାର ଜନକ, ନବଜାଗରଣର ପ୍ରବର୍ତ୍ତକ'



**ଭୁବନେଶ୍ୱର (ଏନ୍.ଏମ୍.):** ଉତ୍କଳର ପରିଚୟ ଓ ପ୍ରତିଷ୍ଠାର ପୁନରୁତ୍ଥାନ ଥିଲା ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଜୀବନବ୍ୟାପି ସାଧନାର ଲକ୍ଷ୍ୟ । ସେ ଥିଲେ ଓଡ଼ିଆ ଜାତୀୟତାର ଜନକ, ନବଜାଗରଣର ପ୍ରବର୍ତ୍ତକ । ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଦ୍ୱାରା ହିଁ ବ୍ରିଟିଶ ଶାସନକାଳରେ ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇଥିଲା ବୋଲି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ପ୍ରକାଶ କରିଛନ୍ତି । ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ କହିଲେ ଯେ, ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିଦ୍ଧାଣି ମଧୁବାବୁ ଜଣେ ଆଇନଜୀବୀ, ଶିଳ୍ପୋଦ୍ୟୋଗୀ, ସମାଜସେବୀ ଓ ସାହିତ୍ୟ-ସଂସ୍କୃତିପ୍ରାଣ ଭାବରେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଚିର ଅମର ରହିବେ । ଓଡ଼ିଆ ଜାତି ପାଇଁ ତାଙ୍କ ତ୍ୟାଗ ଓ ତପସ୍ୟା ଅତୁଳନୀୟ । ବିଚ୍ଛିନ୍ନାଞ୍ଚଳ ସହିତ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ଏବଂ ଓଡ଼ିଶାରେ କୁଟୀର ଶିଳ୍ପର ବିକାଶ ସହିତ କୃଷି, ବାଣିଜ୍ୟ, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଏକ ନୂତନ ଜାଗରଣ ସୃଷ୍ଟି କରିବା ସକାଶେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ମଧୁବାବୁ ସର୍ବଦା ଉଦ୍ୟମରତ ଥିଲେ ବୋଲି ସେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁଶାନ୍ତ କୁମାର ଦାଶ କହିଲେ ଯେ ମଧୁବାବୁ ଓଡ଼ିଆମାନଙ୍କ ଭିତରେ ଜାତୀୟତାର ମହାପ୍ରବାହ ସୃଷ୍ଟି କରିବା ଲକ୍ଷ୍ୟରେ ସମ୍ମିଳନୀର ମହାମନ୍ତ୍ର ଘୋଷଣା କରି ସତ୍ୟ ଓ ବିଶ୍ୱାସର ଯାଦୁକରୀ ସ୍ପର୍ଶରେ ସମସ୍ତ ଓଡ଼ିଆ ଜାତି ମଧ୍ୟରେ ଉଦ୍‌ବେଳନ ସୃଷ୍ଟି କରିଥିଲେ । ୧୯୦୩ ମସିହାରେ ତାଙ୍କ ପ୍ରଚେଷ୍ଟାରେ ଗଠିତ ଉତ୍କଳ ସମ୍ମିଳନୀ ଜାତୀୟ ବିକାଶ, ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନ ସହିତ ଲୋକଙ୍କୁ ଯୋଡ଼ିବା ପାଇଁ ଏକ ମହାମଞ୍ଚ ସାବ୍ୟସ୍ତ ହୋଇଥିଲା । ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ ଭାଗବତ ଶୁକ୍ଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳଗୌରବ ମଧୁସୂଦନଙ୍କ ଜୀବନୀ, କୃତି ଓ କୀର୍ତ୍ତି ଉପରେ ନିଜର ସାରଗର୍ଭକ ବକ୍ତବ୍ୟ ରଖି କହିଲେ ଯେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ମନ୍ତ୍ରୀ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ଆଇନଜୀବୀ । ଓଡ଼ିଶା ପ୍ରଦେଶ ଓ ଭାଷାର ଉନ୍ନତି ପାଇଁ ତାଙ୍କ ଉଦ୍ୟମ ସର୍ବଦା ପ୍ରଶଂସନୀୟ । ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନରେ ଉନ୍ନତି ଆଣିବା ସହ ମାତୃଭୂମି ଓ ମାତୃଭାଷାର ଉନ୍ନତି ପାଇଁ ତାଙ୍କର ଆଜୀବନ ସଂଗ୍ରାମର ଫଳ ସ୍ୱରୂପ ୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା ବୋଲି ବୋଲି ଶ୍ରୀ ଶୁକ୍ଳ ପ୍ରକାଶ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ମଧୁବାବୁ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ ଏବଂ ନଭଶ୍ଚୁମ୍ବୀ ବ୍ୟକ୍ତିତ୍ୱର ଅଧିକାରୀ । ଓଡ଼ିଆ ଜାତି ପ୍ରତି ସେ ସର୍ବଦା ସମର୍ପିତ ଥିଲେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଥିଲା ଅନମନୀୟ ବୋଲି ସେ ଉଲ୍ଲେଖ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଭୋଗରାଇରେ ମାମୁ-ଭଣଜା ଲଢ଼େଇ, ଅନନ୍ତ ବିଜେପିରେ ମିଶିବା ନେଇ ଚର୍ଚ୍ଚା



ଭୋଗରାଇ(ଏନ୍.ଏମ୍.): ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଶନିବାର ଅଷ୍ଟମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣ କରିଛନ୍ତି । ଏହି ତାଲିକାରେ ଶ୍ରୀ ପଟ୍ଟନାୟକ ବହୁ ପ୍ରତିକ୍ଷୀତ ଭୋଗରାଇ ବିଧାନସଭା କ୍ଷେତ୍ରର ପ୍ରାର୍ଥୀଙ୍କ ନାଁ ସାର୍ବଜନୀନ କରିଛନ୍ତି । ଆରମ୍ଭରୁ ଏହି ନିର୍ବାଚନମଣ୍ଡଳୀରେ ପ୍ରାର୍ଥିତ୍ୱକୁ ନେଇ ବିଭିନ୍ନ ଆଲୋଚନା ହେଉଥିବା ବେଳେ ଦଳର ମୁଖପାତ୍ର ଗୌତମବୁଦ୍ଧ ଦାସଙ୍କୁ ପ୍ରାର୍ଥୀ ଘୋଷଣା କରି ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି ନବୀନ । ଗୌତମ ସାମ୍ବାଦିକରୁ ରାଜନେତା ବନିଛନ୍ତି । ଏବେ ବିଜେଡି ତାଙ୍କୁ ନିର୍ବାଚନରେ ପ୍ରାର୍ଥୀ କରିଛି । ତେବେ ପୂର୍ବରୁ କଂଗ୍ରେସ ଅନ୍ୟତମ ସତ୍ୟଶିବ ଦାସଙ୍କୁ ଟିକେଟ ଦେଇଥିଲା । ସେ ମଧ ସାମ୍ବାଦିକରୁ ରାଜନେତା ବନିବା ପରେ କଂଗ୍ରେସ ତାଙ୍କୁ ପ୍ରାର୍ଥୀ କରିଥିଲେ । ଗୌତମବୁଦ୍ଧ ଓ ସତ୍ୟଶିବ ହେଉଛନ୍ତି ମାମୁ ଓ ଭଣଜା । ତେଣୁ ଭୋଗରାଇରେ ମାମୁ-ଭଣଜାଙ୍କ ମଧ୍ୟରେ କଡ଼ା ଟକ୍କର ହେବ । ଗୌତମ ନିଜ ଭଣଜାଙ୍କୁ ହରାଇ ପାରୁଛନ୍ତି କି ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭୋଗରାଇ ନିର୍ବାଚନ ମଣ୍ଡଳୀ ୧୯୯୦ ମସିହାରୁ ଅଣ କଂଗ୍ରେସ ହାତରେ ଅଛି । କଂଗ୍ରେସ ଇତିହାସକୁ ବଦଳାଇବା ଲକ୍ଷ୍ୟରେ ରହିଛି । ଏଥର ବୟସାଧିକ କାରଣରୁ ୪ଥର ବିଧାୟକ ଅନନ୍ତ ଦାସଙ୍କୁ ଟିକେଟ ମିଳୁ ନଥିବା ପୂର୍ବରୁ ସ୍ପଷ୍ଟ ହୋଇଯାଇଥିଲା । ଶ୍ରୀ ଦାସଙ୍କ ସ୍ଥାନରେ ଦଳ କାହାକୁ ଟିକେଟ ଦେବ, ତା'କୁ ନେଇ କସରତ ଆରମ୍ଭ ହୋଇଥିଲା । କୁହାଯାଉଥିବା ଅନନ୍ତ ଦାସ ତାଙ୍କ ପୁଅଙ୍କ ପାଇଁ ଲବି କରୁଛନ୍ତି । ହେଲେ ସମସ୍ତଙ୍କୁ ପଛରେ ପକାଇ ଗୌତମବୁଦ୍ଧ ଟିକେଟ ହାତେଇବାରେ ସଫଳ ହୋଇଛନ୍ତି ।

ଗୌତମ ହେଉଛନ୍ତି ଭୋଗରାଇର ପୂର୍ବତନ ବିଧାୟକ (୧୯୫୭) ତଥା ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଶଙ୍କର ଦାସଙ୍କ ପୁଅ । ତାଙ୍କର ବଡ଼ ବାପା ପ୍ୟାରୀମୋହନ ଦାସ ମଧ ୨ ଥର ବିଧାୟକ ହୋଇଥିଲେ । ତେଣୁ ରାଜନୀତିକ ପରିବାରରୁ ଆସିଛନ୍ତି ଗୌତମ । ବିଜେଡି ୨୦ ବର୍ଷ ଧରି ଭୋଗରାଇରେ ଶାସନ କ୍ଷମତାରେ ଥିଲେ ମଧ କଂଗ୍ରେସର ଭୋଟ କେବେ ହେଲେ ୫୫ ହଜାର ତଳକୁ ଖସି ନାହିଁ । କଂଗ୍ରେସ ପ୍ରାର୍ଥୀ ୨୦୧୪ ମସିହାରେ ୫୭,୨୪୯ ଓ ୨୦୧୯ ମସିହାରେ ୫୯,୯୨୧ ଖଣ୍ଡ ଭୋଟ ପାଇ ହାରି ଥିଲେ । ଚଳିତ ଥର ମଧ କଂଗ୍ରେସ ଦଳର ପ୍ରାର୍ଥୀ ସତ୍ୟଶିବ ଦାସ ଅଧିକ ଭୋଟ ପାଇବେ ବୋଲି ଦଳ ଆଶା ରଖିଛି । ଅନ୍ୟପକ୍ଷରେ ମାମୁ-ଭଣଜା ଲଢ଼େଇ ଭିତରେ ଅନନ୍ତଙ୍କ ଭୂମିକା ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ ରହିବ । ବୟସାଧିକ କାରଣରୁ ଅନନ୍ତ ସିନା ନିର୍ବାଚନ ନ ଲଢ଼ିବା ପାଇଁ ରାଜି ହୋଇଥିଲେ । କିନ୍ତୁ ସେ ତାଙ୍କ ମଝିଆଁ ପୁଅ ଅଭିଜିତଙ୍କୁ ପ୍ରାର୍ଥୀ କରିବାକୁ ନବୀନ ନିବାସରେ ଅନୁରୋଧ ରଖିଥିଲେ । ତେବେ ଗତକାଲି ଭୋଗରାଇ ପାଇଁ ପ୍ରାର୍ଥୀ ଘୋଷଣା ଅନନ୍ତଙ୍କୁ ନିଶ୍ଚିତ ନିରାଶ କରିଥିବ । ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେପି ଏଯାଏ ପ୍ରାର୍ଥୀ ଘୋଷଣା କରିନି । ଆଗାମୀ ଦିନରେ ଅନନ୍ତ ନିଜ ସମର୍ଥକଙ୍କ ସହ ବିଜେପିରେ ମିଶିବା ନେଇ ଚର୍ଚ୍ଚା ହେଉଛି । ଟିକେଟ ଘୋଷଣା ପରେ ଅନନ୍ତଙ୍କ ସମର୍ଥକମାନେ ବିଜେପି ସହ ଆଲୋଚନା ଆରମ୍ଭ କରିଛନ୍ତି ବୋଲି ଖବର ମିଳିଛି । ଅନନ୍ତ କିମ୍ବା ତାଙ୍କ ପରିବାରରୁ କେହି ବିଜେପିରୁ ପ୍ରାର୍ଥୀ ହେଲେ ଭୋଗରାଇରେ ରାଜନୀତିକ ସମୀକରଣ ବଦଳିବ ବୋଲି ବୋଲି ସାମାଜିକ କର୍ମୀ ଅଂଶୁମାନ ରାଉତ କହିଛନ୍ତି ।




# ଟି-୨୦ ବିଶ୍ୱକପର ବ୍ରାଣ୍ଡ ଆମ୍ବାସଡର ହେଲେ ଯୁବରାଜ ସିଂହ



**ନୂଆଦିଲ୍ଲୀ(ଏଜେନ୍ସି):** ଜୁନ ମାସରୁ ଆରମ୍ଭ ହେଉଥିବା ଟି-୨୦ ବିଶ୍ୱକପର ବ୍ରାଣ୍ଡ ଆମ୍ବାସଡର ଭାବେ ଆଜି ଆଇସିସି ଟିମ ଇଣ୍ଡିଆର କିମ୍ବଦନ୍ତୀ କ୍ରିକେଟର ଯୁବରାଜ ସିଂହଙ୍କୁ ନିଯୁକ୍ତ କରିଛି । ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜିତ ହେବାକୁ ଥିବା ବିଶ୍ୱକପକୁ ଆଉ ୩୬ ଦିନ ବାକି ଥିବା ବେଳେ ଆଇସିସି ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ୨୦୦୭ ଟି-୨୦ ବିଶ୍ୱକପର ପ୍ରଥମ ସଂସ୍କରଣ ଭାରତ ଜିତିଥିବା ବେଳେ ଯୁବରାଜ ୬ ବଲରେ ୬ ଛକା ମାରି ରେକର୍ଡ କରିଥିଲେ । ଏବେ ସେ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତି ପାଇଥିବାରୁ ଆମେରିକାରେ ହେବାକୁ ଥିବା ପ୍ରମୋସନାଲ କାର୍ଯ୍ୟକ୍ରମରେ ଭାଗ ନେବେ । ଏଥିସହ ଜୁନ ୯ରେ ବହୁ ପ୍ରତିକ୍ଷୀତ ଭାରତ-ପାକିସ୍ତାନ ମ୍ୟାଚ୍ର ମଧ୍ୟ ସେ ପ୍ରମୋସନ କରିବେ । ଏପରି ନିଯୁକ୍ତି ପରେ ଯୁବରାଜ କହିଛନ୍ତି, "ଟି-୨୦ ବିଶ୍ୱକପର କିଛି ସ୍ମରଣୀୟ ମୁହୂର୍ତ୍ତ ମୋର ମନେ ପଡ଼ି ଯାଉଛି । ଏହା ମଧ୍ୟରେ ଗୋଟିଏ ଓଭରରେ ୬ ଛକା ରହିଛି । ଏବେ ଏହି ସଂସ୍କରଣର ଅଂଶିଦାର ହେବାକୁ ଉତ୍ସାହିତ । ଏହା ସବଠାରୁ ବଡ଼ ହେବ । ୱେଷ୍ଟଇଣ୍ଡିଜରେ କ୍ରିକେଟ ଖେଳିବା ବେଶ ଚମତ୍କାର । ବିଶ୍ୱକପ ମଧ୍ୟ ଆମେରିକାରେ ଅନୁଷ୍ଠିତ ହେବ । ଆମେରିକାରେ କ୍ରିକେଟ ପ୍ରବେଶ କରିବା ଗୋଟିଏ ଭଲ ଖବର । ଟି-୨୦ ବିଶ୍ୱକପ ଦ୍ୱାରା ଏହା ଆମେରିକାରେ ଆହୁରି ଆଦୃତ ହେବ । ନ୍ୟୁୟର୍କରେ ଭାରତ-ପାକିସ୍ତାନ ମୁକାବିଲା ଚଳିତ ବର୍ଷର ସବୁଠାରୁ ବଡ଼ କ୍ରୀଡ଼ା ପ୍ରତିଯୋଗିତା ହେବାକୁ ଯାଉଛି । ଏହାର ଅଂଶିଦାର ହେବା ସୌଭାଗ୍ୟର ବିଷୟ । କାରଣ ନୂଆ ଷ୍ଟାଡିୟମରେ ଦୁଇ ଶ୍ରେଷ୍ଠ ଦଳର ଲଢ଼େଇ ଦେଖିବାର ସୌଭାଗ୍ୟ ମିଳିବ ।" ଏହା ପୂର୍ବରୁ ଆଇସିସି ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କୁ ମଧ୍ୟ ଟି-୨୦ ବିଶ୍ୱକପର ବ୍ରାଣ୍ଡ ଆମ୍ବାସଡର କରିଥିଲେ । ଆସନ୍ତା ଜୁନ ୧ରୁ ୨୯ ତାରିଖ ଯାଏ ଇଣ୍ଡିଜ ଓ ଆମେରିକାରେ ଟି-୨୦ ବଶ୍ୱକପ ଆୟୋଜିତ ହେବ ।

# ଭାରତକୁ ବିଶ୍ୱକପ ଜିତାଇଥିଲେ, ଏବେ ପାକିସ୍ତାନର କୋଚ୍ ହେଲେ




**ନୂଆଦିଲ୍ଲୀ(ଏଜେନ୍ସି):** ଟି-୨୦ ୱାର୍ଲ୍ଡ କପ୍ ୨୦୨୪ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡରେ ବଡଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି । ପାକିସ୍ତାନ ଟିମ୍ ତା'ର କୋଚ୍ ବଦଳାଇଛି । ଉଭୟ ଦିନିକିଆ ଓ ଟି-୨୦ ପାଇଁ ପାକିସ୍ତାନ ନୂଆ କୋଚ୍ ଭାବେ ଗ୍ୟାରୀ କ୍ରିର୍ଷ୍ଟେନଙ୍କୁ ନିଯୁକ୍ତି ଦେଇଛି । ଗ୍ୟାରୀ କ୍ରିର୍ଷ୍ଟେନ ଏହାପୂର୍ବରୁ ୨୦୧୧ରେ ଟିମ୍ ଇଣ୍ଡିଆକୁ ଦିନିକିଆରେ ୱାର୍ଲ୍ଡ କପ୍ ବିଜେତା କରାଇଥିଲେ । ଏବେ ଟି-୨୦ ବିଶ୍ୱକପ୍ ପୂର୍ବରୁ ଗ୍ୟାରୀ କ୍ରିର୍ଷ୍ଟେନଙ୍କୁ କୋଚ୍ ଭାବେ ନିଯୁକ୍ତି ଦେଇ ପାକିସ୍ତାନ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି । ସେହିଭଳି ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ଜେସନ୍ ଗିଲେସ୍ପିଙ୍କୁ ଟେଷ୍ଟ ମ୍ୟାଚ୍ ପାଇଁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି । ପାକିସ୍ତାନର ପୂର୍ବତନ କ୍ରିକେଟର ଅଜହର ମହମୁଦଙ୍କୁ ତିନୋଟି ଫର୍ମାଟରେ ଦଳର ଆସିଷ୍ଟାଣ୍ଟ କୋଚ୍ କରାଯାଇଛି । ସମସ୍ତ ତିନୋଟି କୋଚ୍ଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ଲେଖାଏଁ ରହିବ । ଜୁନ୍ ୧ ରୁ ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍ରେ ଟି -୨୦ ବିଶ୍ୱକପ୍ ଖେଳାଯିବ । ଗ୍ୟାରୀ କ୍ରିର୍ଷ୍ଟେନ ବର୍ତ୍ତମାନ ଆଇପିଏଲରେ ଗୁଜୁରାଟ ଟାଇଟନ୍ସର ମେଣ୍ଟର୍ ଦାୟିତ୍ୱରେ ଅଛନ୍ତି । କ୍ରିର୍ଷ୍ଟେନ ଭାରତୀୟ ଟିମର କୋଚ୍ ସହ ୩ ବର୍ଷ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦଳର ମଧ୍ୟ କୋଚ୍ ଦାୟିତ୍ୱରେ ଥିଲେ । ମିକି ଆର୍ଥର ପାକିସ୍ତାନର କୋଚ୍ ପଦ ଛାଡିବା ପରେ ଏହି ସ୍ଥାନ ଫାଙ୍କା ପଡିଥିଲା । ପରେ ମହମ୍ମଦ ହାଫିଜଙ୍କୁ ଟିମର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଥିଲା । କିନ୍ତୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଦଳର ଖରାପ ପ୍ରଦର୍ଶନ କାରଣରୁ ମହମ୍ମଦ ହାଫିଜଙ୍କୁ ମଧ୍ୟ ପଦ ହରାଇବାକୁ ପଡିଥିଲା । ଗ୍ୟାରୀ କ୍ରିର୍ଷ୍ଟେନର ହେଉଛନ୍ତି ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର । ସେ ନିଜ କ୍ୟାରିୟରରେ ୧୦୧ଟି ଟେଷ୍ଟ ମ୍ୟାଚ୍ ସହ ୧୮୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି ।

# ଆଇପିଏସ ବାପା ଦେଖିଥିଲେ ଶଶାଙ୍କଙ୍କୁ କ୍ରିକେଟର କରାଇବାର ସ୍ୱପ୍ନ




**ନୂଆଦିଲ୍ଲୀ(ଏଜେନ୍ସି):** ଏବେ ରୋମାଞ୍ଚଭରା ଆଇପିଏଲ ଜାରି ରହିଛି । ଆଉ ଏହାରି ଭିତରେ ଏବେ ନୂଆ ନୂଆ ଖେଳାଳିମାନେ ରେକର୍ଡ ପରେ ରେକର୍ଡ କରି ପୁରୁଣା ରେକର୍ଡକୁ ଭାଙ୍ଗିଦେଉଛନ୍ତି । ଏହାରି ଭିତରେ ଆଜି ଆମେ ଆପଣଙ୍କୁ ପଞ୍ଜାବ କିଙ୍ଗସର କ୍ରିକେଟର ଶଶାଙ୍କଙ୍କ ବାବଦରେ କିଛି ଅଜଣା କଥା କହିବୁ । ବାସ୍ତବରେ ଶଶାଙ୍କ ସିଂ ଆଇପିଏଲ ୨୦୨୪ରେ ଏବେ ଷ୍ଟାର ନୁହଁନ୍ତି ବରଂ ସୁପରଷ୍ଟାର ହୋଇଯାଇଛନ୍ତି । ପଞ୍ଜାବ କିଙ୍ଗ୍ସ ପାଇଁ ଶଶାଙ୍କ କ୍ରମାଗତ ଭାବରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି । ଆଇପିଏଲ୍ ୨୦୨୪ ପାଇଁ ମିନି ନିଲାମରେ ଶଶାଙ୍କଙ୍କୁ ପଞ୍ଜାବ ୨୦ ଲକ୍ଷ ଟଙ୍କାରେ କିଣିଥିଲା । ଆପଣ ଜାଣନ୍ତି କି ଶଶାଙ୍କ ସିଂଙ୍କ ପିତା ଜଣେ ଆଇପିଏସ୍ ଅଧିକାରୀ । ତାଙ୍କ ପିତା ହିଁ ଶଶାଙ୍କଙ୍କୁ କ୍ରିକେଟର କରିବାର ସ୍ୱପ୍ନ ଦେଖିଥିଲେ । ଆପଣ ମଧ୍ୟ ଭାବୁଥିବେ ଯେ ଆଇପିଏସ୍ ହେବା ପରେ ମଧ୍ୟ ପିତା ତାଙ୍କ ପୁଅ ଶଶାଙ୍କଙ୍କୁ କ୍ରିକେଟର କରିବା ପାଇଁ ସ୍ୱପ୍ନ ଦେଖିଥିଲେ । ଏକ ସାକ୍ଷାତକାରରେ ଶଶାଙ୍କ କହିଛନ୍ତି ଯେ ବାପାଙ୍କ ସ୍ୱପ୍ନ ଥିଲା ଯେ ମୁଁ କ୍ରିକେଟର ହେବା ଉଚିତ୍ । ଶଶାଙ୍କ ଆହୁରି କହିଛନ୍ତି, "ପିଲାଦିନେ ବାପା ନିଜେ ବୋଲିଂ ଅଭ୍ୟାସ କରୁଥିଲେ । ସେ ମୋତେ ଘରେ ଟର୍ଫ ପିଚ୍ କରି କ୍ରିକେଟ୍ ଖେଳିବା ଶିଖାଇଥିଲେ । ଟୁର୍ଣ୍ଣାମେଣ୍ଟର ୪୨ ତମ ମ୍ୟାଚ୍ରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ୨୬୨ ରନ୍ର ଟାର୍ଗେଟକୁ ପିଛା କରି ଶଶାଙ୍କ ୨୮ ବଲରେ ୬୮ ରନ୍ର ଇନିଂସ ଖେଳିଥିଲେ, ଯେଉଁଥିରେ ସେ ୨ଟି ଚୌକା ସହ ୮ଟି ଛକା ମାରିଥିଲେ । ଏହାପୂର୍ବରୁ ଶଶାଙ୍କ ଏକ ଚମତ୍କାର ଇନିଂସ ଖେଳି ଗୁଜୁରାଟ ବିପକ୍ଷରେ ୬୧ ରନ୍ ସଂଗ୍ରହ କରିଥିଲେ । ଏହା ବ୍ୟତୀତ ସେ ହାଇଦ୍ରାବାଦ ବିପକ୍ଷରେ ୪୬ ରନ୍ ଏବଂ ମୁମ୍ବାଇ ବିପକ୍ଷରେ ୪୧ ରନ୍ ସଂଗ୍ରହ କରିଥିଲେ ।

# ପଣ୍ଟିଂ ବ୍ୟବହାର କରୁଥିଲେ କି ସ୍ପ୍ରିଙ୍ଗ ଲାଗିଥିବା ବ୍ୟାଟ !




**ମୁମ୍ବାଇ (ଏଜେନ୍ସି):** : ଆଇପିଏଲରେ କ୍ରୀଡା ସହିତ ଜଡିତ ଅନେକ ମଜାଦାର କାହାଣୀ ମଧ୍ୟ ଶୁଣାଯାଏ । ସୋସିଆଲ ମିଡିଆରେ ଏକ ଷ୍ଟିଙ୍ଗ ଅପରେସନର ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ଦିଲ୍ଲୀ କ୍ୟାପିଟାଲର ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଙ୍ଗ ଏକ ରହସ୍ୟ ପ୍ରକାଶ କରୁଥିବା ନଜର ଆସିଛନ୍ତି । ୨୦୦୩ ମସିହାର ବିଶ୍ୱକପ ଫାଇନାଲରେ ଭାରତ ବିପକ୍ଷରେ ରିକି କୁଆଡେ ସ୍ପ୍ରିଙ୍ଗ ଲାଗିଥିବା ବ୍ୟାଟ୍ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ସେହି ଫାଇନାଲ୍ ମ୍ୟାଚ୍ରେ ପଣ୍ଟିଂ ୧୪୦ ରନର ଅପରାଜିତ ଇନିଂସ ଖେଳିଥିଲେ, ଯେଉଁଥିରେ ୮ଟି ଛକା ମଧ୍ୟ ରହିଥିଲା । ସେହି ପ୍ରଦର୍ଶନ ଯୋଗୁଁ ଅଷ୍ଟ୍ରେଲିଆ ୩୫୯ ରନ୍ ସଂଗ୍ରହ କରିଥିଲା । ଲୋକମାନେ ବିଶ୍ୱାସ କରୁଥିଲେ ଯେ ସ୍ପ୍ରିଙ୍ଗ ଲାଗିଥିବା ବ୍ୟାଟ ସାହାଯ୍ୟରେ ପଣ୍ଟିଂ ଏତେ ସହଜରେ ଏତେ ଲମ୍ବା ସଟ୍ ମାରିବାରେ ସକ୍ଷମ ହୋଇଥିଲେ । ଏହି ଗୁଜବ ୨୦ ବର୍ଷରୁ ଅଧିକ ସମୟ ଧରି ଚାଲିଆସୁଛି । ତେବେ ନିକଟରେ ଦିଲ୍ଲୀ କ୍ୟାପିଟାଲ ଏହାର ସୋସିଆଲ୍ ମିଡିଆ ପୃଷ୍ଠାରେ ଷ୍ଟିଙ୍ଗ୍ ଅପରେସନ୍ ନାମରେ ଏକ ଭିଡିଓ ସେୟାର କରିଥିଲେ । ଏହି ଭିଡିଓରେ ସତୀଶ ରୟ ୨୦୦୩ ମସିହାରେ ବିଶ୍ୱକପ ଫାଇନାଲରେ ବ୍ୟବହୃତ ସ୍ପ୍ରିଙ୍ଗ ବ୍ୟାଟ୍ ବିଷୟରେ ପଣ୍ଟିଙ୍ଗଙ୍କୁ ପଚାରିଲେ । ଦିଲ୍ଲୀ କ୍ୟାପିଟାଲର ମୁଖ୍ୟ ପ୍ରଶିକ୍ଷକେ ପଣ୍ଟିଙ୍ଗ ମଧ୍ୟ ଥଟ୍ଟା କରି କହିଥିଲେ ଯେ ସେ ଏକ ସ୍ପ୍ରିଙ୍ଗ ବ୍ୟାଟ୍ ବ୍ୟବହାର କରିଥିଲେ । କିନ୍ତୁ ପରେ ସେ ଏହି କଥାକୁ ଗୁଜବ ବୋଲି କହିବା ସହ କହିଛନ୍ତି ଯେ ସେ କେବେ ବି ସ୍ପ୍ରିଙ୍ଗ ବ୍ୟାଟ ବିଷୟରେ ଶୁଣି ନାହାଁନ୍ତି ।

# ଗୁକେଶଙ୍କ ପ୍ରେରଣାର ଉତ୍ସ ଧୋନି ଓ ଜୋକୋଭିକ୍



**ଚେନ୍ନାଇ (ଏଜେନ୍ସି):** ସମ୍ପ୍ରତି ଚର୍ଚ୍ଚାରେ ଅଛନ୍ତି ଚେସ୍ ତାରକା ଡି ଗୁକେଶ । ଟରଣ୍ଟୋରେ ଫିଡେ କ୍ୟାଣ୍ଡିଡେଟ୍ସ ଚେସ୍ ପ୍ରତିଯୋଗିତା ଜିତିବା ପରେ ବିଶ୍ୱ ପ୍ରତିଯୋଗିତା ଯୋଗ୍ୟତା ଅର୍ଜନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଭାରତର ସୁପର୍ ଗ୍ରାଣ୍ଡମାଷ୍ଟର୍ ବିଶ୍ୱନାଥନ୍ ଆନନ୍ଦଙ୍କ ପରାମର୍ଶ ପରେ ଗୁକେଶଙ୍କ ଖେଳ ଜୀବନରେ ଟର୍ଣ୍ଣିଂ ପଏଣ୍ଟ ଆସିଥିଲା । ସର୍ବକନିଷ୍ଠ ଖେଳାଳି ଭାବେ ସେ କ୍ୟାଣ୍ଡିଡେଟ୍ସ ମୁକୁଟ ଜିତି କିଂବଦନ୍ତି ଗ୍ୟାରି କାସ୍ପାରୋଭଙ୍କ ରେକର୍ଡକୁ ପଛରେ ପକାଇଛନ୍ତି । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଚାପ ପରିସ୍ଥିତିକୁ କିଭଳି ମୁକାବିଲା କରନ୍ତି ବୋଲି ପ୍ରଶ୍ନ ହେବାରୁ ଏହି ୧୭ ବର୍ଷୀୟ ତାରକା କହିଛନ୍ତି "ମହେନ୍ଦ୍ର ସିଂହ ଧୋନି ଓ ନୋଭାକ ଜୋକୋଭିକ୍ଙ୍କ ଭଳି ବଡ଼ ଖେଳାଳି ଚାପକୁ ଭଲ ଭାବେ ହାତେଇପାରନ୍ତି । ନିହାତି ଆବଶ୍ୟକ ବେଳେ ସେମାନେ ଭଲ ଖେଳିଥାନ୍ତି । ଏହି କାରଣ ପାଇଁ ମୁଁ ସେମାନଙ୍କ ପ୍ରତି ଆକର୍ଷିତ ହୋଇଛି" । ସବୁ ଖେଳ ଭିତରେ କିନ୍ତୁ ବିଶ୍ୱ ବିଜେତା ଚେସ୍ ଖେଳାଳି ମାଗ୍ନସ କାର୍ଲସନଙ୍କୁ ସବୁଠାରୁ ଦୃଢ଼ମନା ତଥା ମାନସିକ ଦମ୍ଭୋକ୍ତିର ବ୍ୟକ୍ତି ବୋଲି କହିଥିଲେ ଗୁକେଶ । ସୂଚନାଯୋଗ୍ୟ, ୨ ଥର ବିଶ୍ୱକପ୍ ଜିତିଥିବା ଧୋନି ସିଏସ୍କେକୁ ୫ ଥର ଆଇପିଏଲ୍ ମୁକୁଟ ବିଜେତା କରାଇଛନ୍ତି । ଜୋକୋଭିକ୍ ୨୪ ଥର ଗ୍ରାଣ୍ଡ ସ୍ଲାମ୍ ମୁକୁଟ ଜିତି ମହାନତମ ଟେନିସ୍ ଖେଳାଳି ହୋଇପାରିଛନ୍ତି ।

# ପନ୍ତଙ୍କ ଛକାରେ ଆହତ ହେଲେ କ୍ୟାମେରାମ୍ୟାନ, କ୍ଷମା ମାଗିଲେ ଖେଳାଳି




**ନୂଆଦିଲ୍ଲୀ(ଏଜେନ୍ସି):** ଗତ ବୁଧବାର ଦିନ ଦିଲ୍ଲୀ କ୍ୟାପିଟାଲସ ଏବଂ ଗୁଜୁରାଟ ଟାଇଟାନ୍ସ ମଧ୍ୟରେ ଏକ ରୋମାଞ୍ଚକର ମ୍ୟାଚ୍ ହୋଇଥିଲା ଯେଉଁଥିରେ ଦିଲ୍ଲୀ ମାତ୍ର ୪ ରନରେ ମ୍ୟାଚ ଜିତିଥିଲା । ଏହି ମ୍ୟାଚରେ ଡିସି ଅଧିନାୟକ ଋଷଭ ପନ୍ତ ୪୩ ବଲରେ ୮୮ ରନ୍ର ଚମତ୍କାର ଇନିଂସ ଖେଳିଥିଲେ ଯେଉଁଥିରେ ସେ ୫ଟି ଚୌକା ଓ ୮ଟି ଆକାଶ ଛୁଆଁ ଛକା ମାରିଥିଲେ । ବଡ କଥା ଯେ ଦିଲ୍ଲୀ କ୍ୟାପିଟାଲସ ଇନିଂସର ଶେଷ ଓଭରରେ ଋଷଭ ପନ୍ତ ମୋହିତ ଶର୍ମାଙ୍କ ୬ଟି ବଲରେ ୩୧ ରନ୍ ସଂଗ୍ରହ କରିଥିଲେ । ଏହି ଓଭରରେ ଗୋଟିଏ ବଲରେ ଛକା ମାରିଥିଲେ, କିନ୍ତୁ ଏଥିରେ ଜଣେ କ୍ୟାମେରାମ୍ୟାନ ଆହତ ହୋଇଥିଲେ । ବର୍ତ୍ତମାନ ଦିଲ୍ଲୀ କ୍ୟାପିଟାଲସର ଅଧିନାୟକ ସେହି କ୍ୟାମେରାମ୍ୟାନଙ୍କୁ କ୍ଷମା ମାଗି ଲୋକଙ୍କ ହୃଦୟ ଜିତିଛନ୍ତି । ଇଣ୍ଡିଆନ୍ ପ୍ରିମିୟର ଲିଗର ଏକ୍ସ ହ୍ୟାଣ୍ଡେଲରୁ ଏକ ଭିଡିଓ ସେୟାର କରାଯାଇଛି । ଏହି ଭିଡିଓରେ ଦିଲ୍ଲୀ କ୍ୟାପିଟାଲସ ଅଧିନାୟକ ପନ୍ତ ରିକି ପଣ୍ଟିଙ୍ଗଙ୍କ ସହ ନଜର ଆସିଛନ୍ତି । ପନ୍ତ କ୍ଷମା ମାଗି କହିଛନ୍ତି ଯେ, "ଦେବାଶିଷ ଭାଇ ଏହି ଘଟଣା ପାଇଁ ମୁଁ ଦୁଃଖିତ, ଆପଣଙ୍କୁ ଆଘାତ ଦେବାକୁ ମୁଁ ଏପରି କରିନଥିଲି । ମୁଁ ଆଶା କରୁଛି ଆପଣ ଶୀଘ୍ର ଏହି ସୁସ୍ଥ ହୋଇଯିବେ । ଆପଣଙ୍କ ଆଶୁ ଆରୋଗ୍ୟ କାମନା କରୁଛି' । ସୂଚନା ଥାଉ କି ଯେ ଗୁଜୁରାଟ ଟାଇଟାନ୍ସ ବନାମ ଦିଲ୍ଲୀ କ୍ୟାପିଟାଲସ ମ୍ୟାଚରେ ଋଷଭ ପନ୍ତ ୪୩ଟି ବଲରେ ୮୮ ରନର ଅପରାଜିତ ଇନିଂସ ଖେଳିଥିଲେ ।

# ସେମିରୁ ଓଡ଼ିଶା ଏଫ୍ସି ବିଦା: ଫାଇନାଲ୍ରେ ମୋହନବାଗାନ ସୁପର ଜାଏଣ୍ଟ୍ସ




**କୋଲ୍କାତା(ଏଜେନ୍ସି):** ଚଳିତ ଆଇଏସ୍ଏଲ୍ ଫୁଟ୍ବଲ୍ ପ୍ରତିଯୋଗିତାର ଫାଇନାଲ୍ରେ ପ୍ରବେଶ କରିଛି ମୋହନବାଗାନ ସୁପର ଜାଏଣ୍ଟ ଏଫ୍ସି । ଦୁଇ ଚରଣ ବିଶିଷ୍ଟ ପ୍ରଥମ ସେମିଫାଇନାଲରେ ଏହି ଲିଗ୍ ସିଲ୍ଡ ବିଜେତା ୩-୨ ବ୍ୟବଧାନରେ ଓଡ଼ିଶା ଏଫ୍ସିକୁ ପରାସ୍ତ କରିଛି । ସେମିଫାଇନାଲ୍ର ପ୍ରଥମ ଚରଣରେ ମୋହନବାଗାନ କଳିଙ୍ଗ ଷ୍ଟାଡିୟମ୍ରେ ଘରୋଇ ଦଳଠୁ ୧-୨ ଗୋଲ୍ରେ ପରାସ୍ତ ହୋଇଥିଲା । ରବିବାର ଘରୋଇ ପଡ଼ିଆ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଚରଣରେ ଏହି କୋଲ୍କାତା ଦଳ ୨-୦ ଗୋଲ୍ରେ ଭ୍ରମଣକାରୀ ଓଡ଼ିଶା ଏଫ୍ସିକୁ ପରାସ୍ତ କରିଛି । ମ୍ୟାଚ୍ର ପ୍ରଥମାର୍ଦ୍ଧରେ ଜାସନ କମିଙ୍ଗ୍ସ (୨୨ ମିନିଟ୍)ଙ୍କ ଗୋଲ୍ରେ ମୋହନବାଗାନ ଅଗ୍ରଣୀ ପାଇଥିଲା । ଦ୍ୱିତୀୟାର୍ଦ୍ଧର ଶେଷ ମିନିଟ୍ରେ ସାହଲ ଅବଦୁଲ ସାମଦ (୯୦ ମିନିଟ୍)ଙ୍କ ଗୋଲ୍ରେ ମୋହନବାଗାନ ବିଜୟ ନିଶ୍ଚିତ କରିଥିଲା । ଅନ୍ୟପକ୍ଷରେ ପ୍ରଥମ ଥର ସେମିଫାଇନାଲ୍ ଖେଳିବାର ସୌଭାଗ୍ୟ ପାଇଥିବା ଓଡ଼ିଶା ଏଫ୍ସି ଏହି ପରାଜୟ ସହ ଫାଇନାଲ୍ ସ୍ୱପ୍ନ ସାକାର କରିପାରିନି ।

ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ
ନିଷ୍କର୍ଷ NISHKARSHA
ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ
Nishkarsha Media
ଲାଇକ୍, କମେଣ୍ଟ୍ ଓ ସେୟାର କରନ୍ତୁ
ପ୍ରତିଦିନ ସର୍ଚ୍ଚ କରନ୍ତୁ ଆଉ ତୁରନ୍ତ ଅପଡେଟ ଖବର ପାଆନ୍ତୁ ...
ନିଜ ମୋବାଇଲ, ଟାବଲେଟ୍, ଲାପଟପ କିମ୍ବା ଡେସ୍କଟପରେ ଘରେ ବସି ଜାଣନ୍ତୁ ଦେଶ ବିଦେଶର ଖବର...
nishkarsha.com

# ଡାକ୍ତରଙ୍କ ପାହାଡ଼ଚଢ଼ା ନିଶା: ଏଲବ୍ରସ୍ ଜିତିଲେ ଆଦିତ୍ୟ, ଏଭରେଷ୍ଟ ଆଗାମୀ ଲକ୍ଷ୍ୟ



**ଭୁବନେଶ୍ୱର (ଏନ୍.ଏମ୍.):** ପେସାରେ ଡାକ୍ତର; ନିଶା କିନ୍ତୁ ପାହାଡ଼ଚଢ଼ା, ପୁଣି ଲକ୍ଷ୍ୟ ହେଉଛି ୨୦୨୫ ସୁଦ୍ଧା ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟ ଶିଖରରେ ପାଦ ଥାପିବା । ଏଥିଲାଗି ସେ କେବଳ ମାନସିକ ଓ ଶାରୀରିକ ସ୍ତରରେ ପ୍ରସ୍ତୁତି କରୁନାହାନ୍ତି, ୟୁରୋପ ମହାଦେଶ ଓ ରୁଷିଆର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ୍ ଏଲବ୍ରସ୍, ଅଷ୍ଟ୍ରେଲିଆର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ କୋଜିୟୁଜକ୍କ ଚଢ଼ି ନିଜ ପ୍ରତିବଦ୍ଧତାର ପରିଚୟ ଦେଇସାରିଛନ୍ତି । ପାଠ ସହ ପାହାଡ଼ଚଢ଼ାରେ ନିଜ ଚମକ ଛାଡ଼ିଥିବା ଏହି ଯୁବ ଡାକ୍ତର ତଥା ପର୍ବତାରୋହୀ ହେଉଛନ୍ତି ବରଗଡ଼ ଜିଲ୍ଲା ସୋହେଲାର ଡାକ୍ତର ଆଦିତ୍ୟ ଖାଡ଼ଙ୍ଗା । କେବଳ ପର୍ବତାରୋହଣ ନୁହେଁ, ୨୬ ବର୍ଷୀୟ ଆଦିତ୍ୟ ମଧ୍ୟ ଏକାଧିକ ଷ୍ଟାର୍ଟ ଅପ୍ ପ୍ରତିଷ୍ଠା କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସେ ମଧ୍ୟ ଜାତୀୟ ଷ୍ଟାର୍ଟ ଅପ୍ ପୁରସ୍କାର ୨୦୨୦ର ଅନ୍ୟତମ ଫାଇନାଲିଷ୍ଟ ଥିଲେ । ସଂପ୍ରତି ସେ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ସମ୍ ହସ୍ପିଟାଲ୍ର ଚର୍ମରୋଗ ବିଭାଗରେ ଇଣ୍ଟର୍ନସିପ୍ କରୁଛନ୍ତି । ଆଉ ମାତ୍ର କିଛି ଦିନ ପରେ ଆନୁଷ୍ଠାନିକ ଭାବେ ଡାକ୍ତର ହୋଇ ରୋଗୀସେବା କରିବେ । ଖାଲି ସେତିକି ନୁହେଁ, ରୋଗୀ ସେବା ସହ ୭ ମହାଦେଶର ୭ ସର୍ବୋଚ୍ଚ ଗିରିଶୃଙ୍ଗ ଶିଖରରେ ପହଞ୍ଚି ଓଡ଼ିଶା ତଥା ଭାରତବର୍ଷକୁ ଗର୍ବିତ କରିବାକୁ ସ୍ୱପ୍ନ ଦେଖୁଛନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ ଆଦିତ୍ୟ । ସୋହେଲାର ବ୍ୟବସାୟୀ ଗିର୍ଜିଶ ଖାଡ଼ଙ୍ଗା ଓ ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ଶତପଥୀଙ୍କ ପୁଅ ଆଦିତ୍ୟଙ୍କର ପିଲାଟି ବେଳୁ ବାହାରକୁ ବୁଲିଯିବା ଏବଂ ଟ୍ରେକିଂ କରିବାର ସଉକ ଥିଲା । ତେବେ ୨୦୨୧ ମସିହାରେ ମନାଲିର ଅଟଳ ବିହାରୀ ବାଜପାୟୀ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନରିଂ ଆଣ୍ଡ ଆଲାଏଡ୍ ସ୍ପୋର୍ଟ୍ସରୁ ପର୍ବତାରୋହଣର ମୌଳିକ ଶିକ୍ଷା ଲାଭ କରିବା ପରେ ଏହା ନିଶାରେ ପରିଣତ ହୋଇଯାଇଥିଲା । ଗତ ତିନିବର୍ଷ ହେବ ସେ ପର୍ବତାରୋହଣ ଦକ୍ଷତାକୁ ଆହୁରି ଉଚ୍ଚସ୍ତରକୁ ନେବାକୁ ଯୋଜନା କରୁଥିଲେ । ଶେଷରେ ଗତବର୍ଷ ଅଗଷ୍ଟ ୧୬ ତାରିଖରେ ମାଉଣ୍ଟ ଏଲବ୍ରସ୍ ଉପରେ ପହଞ୍ଚି ତ୍ରିରଙ୍ଗା ଉଡ଼ାଇଥିଲେ । ଏଭରେଷ୍ଟ ଚଢ଼ିବା ସ୍ୱପ୍ନକୁ ସାକାର କରିବା ଲାଗି ଏକ ବଡ଼ ପାଦ ଆଗକୁ ବଢ଼ାଇଥିଲେ । ସେହିଭଳି ଚଳିତ, ଏପ୍ରିଲ୍ ୩ ତାରିଖରେ ଅଷ୍ଟ୍ରେଲିଆର ୧୦ଟି ଉଚ୍ଚତମ ସ୍ଥାନ ଚଢ଼ିବାର ଲକ୍ଷ୍ୟ ନେଇ ସେଠାକୁ ଯାଇଥିଲେ । ଏହି ମହାଦେଶର ସବୁଠାରୁ ଉଚ୍ଚତମ ସ୍ଥାନ ମାଉଣ୍ଟ କୋଜିୟୁଜକ୍କ ଓ ଅନ୍ୟ ଚାରିଟି ଉଚ୍ଚ ଶୃଙ୍ଗ ସଫଳତାର ସହ ଚଢ଼ିଥିଲେ । ତେବେ ପାଗ ଖରାପ ହେବାରୁ ମୋଟ ଉପରେ ୫ଟି ପର୍ବତ ଚଢ଼ି ସ୍ୱଦେଶ ଫେରିବାକୁ ବାଧ ହୋଇଥିଲେ । ଭାରତର ଅନ୍ୟତମ ଶ୍ରେଷ୍ଠ ପର୍ବତାରୋହୀ ଅର୍ଜୁନ ବାଜପାୟୀ, ନେପାଳ ଜନ୍ମିତ ବ୍ରିଟିସ୍ ପର୍ବତାରୋହୀ ନିର୍ମଳ ପୁର୍ଜାଙ୍କୁ ନିଜର ପ୍ରେରଣା ଓ ଆଦର୍ଶ କରି ଆଗାମୀ ସମୟରେ ପର୍ବତାରୋହଣ କ୍ଷେତ୍ରରେ ନୂଆ ନୂଆ ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ